**ସଂକ୍ଷେପରେ**

## ଟ୍ରେନରେ କଟି ଯୁବକ ଗୁରୁତର

**ରେଢ଼ାଖୋଲ,୧୭।୨(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲ ଓ ବାମୁର ରେଲଷ୍ଟେଶନର ନିକଟରେ ଥିବା ପଟାଖମଣଠାରେ ମଙ୍ଗଳବାର ଟ୍ରେନରେ କଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ରାତିରେ କୌଣସି ଏକ ଟ୍ରେନରେ ଯୁବକ ଜଣକ କଟିଥିବା ଅନୁମାନ କରାଯାଉଛି। ସକାଳୁ ରେଢ଼ାଖୋଲ ରେଞ୍ଜ ଲୁହାପଙ୍କ ସେକ୍ସନର ଗଜ ସାଥୀମାନେ ହାତୀ ଟ୍ରାକିଙ୍ଗ ପାଇଁ ଯାଉଥିବା ବେଳେ ରେଳ ଲାଇନ ଉପରେ ଯୁବକ ଜଣଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହି ସମୟରେ ଯାଉଥିବା ଲାଲଗଡ଼-ପୁରୀ ଏକ୍ସପ୍ରେସ ଅଟକାଇ ନିକଟସ୍ଥ କିଶୋରନଗର ଡାକ୍ତରଖାନା ପଠାଇଥିଲେ। ପରେ ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ବେଆଇନ ଏଲ୍‌ପିଜି ସିଲିଣ୍ଡର ଜବତ

**ସମ୍ବଲପୁର,୧୭।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସହରରେ ବେଆଇନ ଗ୍ୟାସ୍ କାରବାର ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏଥିପାଇଁ ଗଠିତ ସ୍କ୍ୱାଡ ସମ୍ବଲପୁର ମହାନଗର ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ମଙ୍ଗଳବାର ସନ୍ଧ୍ୟାରେ ଅତିରିକ୍ତ ଯୋଗାଣ ଅଧିକାରୀ(ଏସିଏସଓ) ବିଶ୍ୱ ରଞ୍ଜନ ସାହୁଙ୍କ ନେତୃତ୍ୱରେ ମାନେଶ୍ୱର ନକ୍ସାପାଲି ଅଞ୍ଚଳରେ ଚଢ଼ାଉ କରି ସ୍ୱତନ୍ତ୍ର ସ୍କ୍ୱାଡ ବେଆଇନଭାବେ ଗଚ୍ଛିତ ୧୯ କେଜି ବିଶିଷ୍ଟ ଦୁଇଟି ବ୍ୟବସାୟିକ ସହିତ ମୋଟ୍ ୩ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ପବିତ୍ର କୁମାର ଦାଶଙ୍କ ଘରେ ବିନା କୌଣସି ବୈଧ କାଗଜପତ୍ରରେ ଗଚ୍ଛିତଥିବା ସିଲିଣ୍ଡରକୁ ସ୍କ୍ୱାଡ ଜବତ କରିଥଲା। ଏହି ସ୍କ୍ୱାଡରେ ଯୋଗାଣ ନିରୀକ୍ଷକ ସୌରଭ କୁମାର ପଣ୍ଡା, ଯୋଗାଣ ନିରୀକ୍ଷିକା ଦୀପ୍ତିମୟୀ ରାଉତ, ଡିଇଓ ବିଶ୍ୱମ୍ଭର ପାଢ଼ୀ ଓ ଧନୁପାଲି ଥାନା ପୋଲିସ ସାମିଲ ହୋଇଥିଲେ। ସେହିପରି ଯୋଗାଣ ବିଭାଗ ଉପଖଣ୍ଡୀୟ ପ୍ରବର୍ତ୍ତନ କର୍ମଚାରୀମାନେ ଚଢ଼ାଉ କରି କୁଚିଣ୍ଡାର ଏକ ରେଷ୍ଟୁରାଣ୍ଟରେ ବ୍ୟବସାୟିକ ଏଲ୍‌ପିଜି ବଦଳରେ ବ୍ୟବହାର କରାଯାଉଥିବା ୨ଟି ଘରୋଇ ରନ୍ଧନ ଏଲ୍‌ପିଜି ସିଲିଣ୍ଡରକୁ ଜବତ କରିଛି। ଚଢ଼ାଉ ବେଳେ କୁଚିଣ୍ଡା ତହସିଲଦାର ସରିତା ଓରାମ, ଉପସ୍ଥିତ ଥିଲେ।

## ସମୟ ଗଡୁଛି, କାର୍ଯ୍ୟାନୁଷ୍ଠାନ ହେଉନି

**ଏମ୍‌ଡିଏମ୍ ଦୁର୍ନୀତି**

**କୁଚିଣ୍ଡା,୧୭।୩(ବିରଞ୍ଚି ଦର୍ଶା)**

କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ନୋଡାଲ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ(ଏମ୍‌ଡିଏମ୍)ରେ ହୋଇଥିବା ଅନିୟମିତତା ଅଭିଯୋଗକୁ ୧୧ମାସ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ନେଇ ପାରୁଆଭାଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗଦୀଶ ଖଣ୍ଡେଲୱାଲ ମୁଖ୍ୟମନ୍ତ୍ରୀଙ୍କୁ ଅନ୍‌ଲାଇନରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ନୋଡାଲ ହାଇସ୍କୁଲରେ ହଷ୍ଟେଲ ନିର୍ମାଣ ଏବଂ ଖାଦ୍ୟ ସହ ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ଦୁର୍ନୀତି ହୋଇଥିବା ନେଇ ୨୦୨୩ ନଭେମ୍ବରରେ ବିଇଓ, ଉପଜିଲାପାଳ, ଡିଇଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଡିଇଓ ଏହାର ତଦନ୍ତ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେବାପରେ ତତ୍କାଳୀନ ଏବିଇଓ ଗୌରାଙ୍ଗ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ମାତ୍ର ତଦନ୍ତରେ ଅଭିଯୋଗକାରୀ ଖଣ୍ଡେଲୱାଲ ତଦନ୍ତରେ ଅସନ୍ତୋଷ ପ୍ରକାଶ କରିଥିଲେ। ୨୦୨୪ ଜୁଲାଇ ୧୯ରେ ବିଇଓ ପାରୁଆଭାଡ଼ି ନୋଡାଲ ସ୍କୁଲକୁ ଆସି ଅଭିଯୋଗକାରୀ ଖଣ୍ଡେଲୱାଲଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଖଣ୍ଡେଲୱାଲ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ୨୦୨୫ ଏପ୍ରିଲ ୪ରେ ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡପଣ୍ଡା, ଡିଇଓ ଲକ୍ଷ୍ମଣ ଭୋଇ, ବିଇଓ ଗୀତା ପଧାନ ହାଇସ୍କୁଲ ଯାଇ ତଦନ୍ତ କରିଥିଲେ। ତଦନ୍ତ ପରେ ଡିଇଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳିପାଇଁ ଭୁବନେଶ୍ୱର ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନାହିଁ।

# ଆଲୋଚନା ହେଲା, ନିଷ୍କର୍ଷ ବାହାରିଲା ନାହିଁ

**ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରା ବିବାଦ ଘଟଣା**

**କୋକସରା,୧୭।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

ପ୍ରାଗ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମପଞ୍ଚାୟତର ଖଲିଗଡ଼ ସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ରହିଛି କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା। ତେବେ ଏହି ପର୍ଯ୍ୟଟନ ସ୍ଥଳୀ ପରିଚାଳନାକୁ ନେଇ ଗତ ବର୍ଷ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ ବିବାଦ ଦେଖାଦେଇଛି। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇ ବର୍ତ୍ତମାନ ବିଚାରାଧୀନ ରହିଛି। ତେବେ ଏହି ବିବାଦକୁ ନେଇ ପ୍ରଶାସନ ଦ୍ୱିତୀୟ ଥର ପାଇଁ ଉଭୟ କମିଟି ସହ ଆଲୋଚନା କରିଛି। ହେଲେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ୧୯୭୨ ମସିହାରୁ ବ୍ଲକ ସ୍ତରୀୟ କମିଟି ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନ ସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିଲା। ହେଲେ ଧର୍ମଗଡ ବନାଞ୍ଚଳ ଅଧିକାରୀ ଭବାନୀଶଙ୍କର କାଉର ଏକ ସମାନ୍ତରାଳ କମିଟି ଗଠନ କରି ଏହାର ଦାୟିତ୍ୱ ଦେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଡିସି) ଗତବର୍ଷ ରାମନବମୀ ତଥା ଗୁଡହାଣ୍ଡି ମହୋତ୍ସବ ସମୟରୁ ବିଭିନ୍ନ ଯାନିଯାତ୍ରା କରି ଆସୁଛି। ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଉଭୟ କମିଟିର ବାଦ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଗତ ବର୍ଷ କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଡିସି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେତେବେଳେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିବାରୁ ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିଲା। ତେବେ ମଙ୍ଗଳବାର ପ୍ରଶାସନ ଉଭୟ କମିଟିକୁ ନେଇ କୋକସରା ବ୍ଲକ ସଭାଗୃହଠାରେ ଆଲୋଚନା କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ, ତହସିଲଦାର ଚୋଡଗଙ୍ଗ ପ୍ରଧାନ, ଆମପାଣି ଥାନା ଏସଆଇ ଈଶର ଚନ୍ଦ୍ର ଶିର୍କା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ପରିଚାଳନା କରୁଥିବା ଡୋକରୀ ଚଞ୍ଚରା ଉନ୍ନୟନ ସମିତି ସମସ୍ତେ ମିଳିମିଶି ପରିଚାଳନା କରିବା ପାଇଁ ସହମତି ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ପରିଚାଳନା କରୁଥିବା କମିଟି (ଇଡିସି) କେବଳ ଆମ କମିଟି ପରିଚାଳନା କରିବ ବୋଲି ଜିଦ କରିଥିଲେ। ପ୍ରଶାସନର କୌଣସି କଥାରେ ସହମତି ପ୍ରକାଶ କରି ନ ଥିଲେ ଏବଂ ମିଳିତଭାବରେ କାମ କରିବା ପାଇଁ ନାରାଜ ହୋଇଥିଲେ। ପରେ ପ୍ରଶାସନ ସେମାନଙ୍କଠାରୁ ଲିଖିତ ପତ୍ର ନେଇଥିଲେ। ଯାହା ଫଳରେ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଚଳିତ ବର୍ଷ ହେବାକୁ ଥିବା ରାମ ନବମୀ ପୂଜାକାର୍ଯ୍ୟ କୌଣସି କାର୍ଯ୍ୟ କରିବେ ନାହିଁ କେବଳ ପ୍ରଶାସନ ତୁଲାଇବ ବୋଲି ଏଡିଏମ୍ ଦରୱାନ କହିଥିଲେ।



୨ କମିଟିର କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ଜାତୀୟ ଗୃହ ଆୟ ସର୍ବେକ୍ଷଣ ଆଞ୍ଚଳିକ ପ୍ରଶିକ୍ଷଣ ଶିବିର




ଆଞ୍ଚଳିକ ପ୍ରଶିକ୍ଷଣ ଶିବିରରେ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୧୭।୩(ବି.ଶଙ୍କର)**

ଜାତୀୟ ପରିସଂଖ୍ୟାନ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଆୟୋଜନରେ ଜାତୀୟ ଗୃହ ଆୟ ସର୍ବେକ୍ଷଣ ସମ୍ପର୍କିତ ଆଞ୍ଚଳିକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ହୋଇଥିବା ଶିବିରକୁ ମୁଖ୍ୟ ଅତିଥି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଉମାଚରଣ ପତି ଶୁଭାରମ୍ଭ କରିଥିଲେ । ଏକ ବିକଶିତ ଭାରତର ଗଠନ ପାଇଁ ଉଭୟ ଆୟ ଓ ଖର୍ଚ୍ଚର ବୃଦ୍ଧି ସହିତ ସଂସ୍କାର ଏବଂ କର୍ତ୍ତବ୍ୟ ନିଷ୍ଠାପୂର୍ବକ ସାମୂହିକ ଚରିତ୍ରର ଗୁଣାତ୍ମକ ବିକାଶ ଉପରେ ମୁଖ୍ୟ ଅତିଥି ଡ. ପତି ବିଶେଷ ଗୁରୁତ୍ୱାରୋପ କରିଥିଲେ। ଭବାନୀପାଟଣାର ଉପକ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ପ୍ରତୀକ ନାୟକ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ଯୁଧିଷ୍ଠିର ଶବର ଯୋଗଦେଇ ସର୍ବେକ୍ଷଣ ବିଷୟରେ ମତବ୍ୟକ୍ତ କରିଥିଲେ। ସଂଯୁକ୍ତ ନିର୍ଦ୍ଦେଶକ ରାହୁଲ କୁମାର ପଟେଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଗୁରୁତ୍ୱପୂର୍ଣ୍ଣ ସର୍ବେକ୍ଷଣର ଆବଶ୍ୟକତାର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଜନସାଧାରଣଙ୍କୁ କ୍ଷେତ୍ରୀୟ କର୍ମଚାରୀମାନଙ୍କ ସହିତ ସମସ୍ତ ପ୍ରକାର ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ସାଂଖ୍ୟିକି ଅଧିକାରୀ ସୁବୋଧ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଏପ୍ରିଲ ମାସ ୨୦୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଏକବର୍ଷ ବ୍ୟାପୀ ଏହି ସର୍ଭେ ହେବ। ଏଥିରେ ସମାଜର ବିଭିନ୍ନ ବର୍ଗ ଓ ଶ୍ରେଣୀ ଭିତରେ ଥିବା ଆର୍ଥିକ ଅସମାନତା ତଥା ଆୟଭିତ୍ତିକ ବୈଷମ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମାର କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଶିକ୍ଷଣ ଶିବିରରେ ସୂଚିତ କରାଯାଇଛି।

# ହିନ୍ଦ୍ ମଜଦୁର ସଭା ପକ୍ଷରୁ ଦାବିପତ୍ର ପ୍ରଦାନ

**ହିଣ୍ଡାଲ୍‌କୋ କର୍ମଚାରୀଙ୍କ ଅବସର ବୟସ ୬୦ହେଉ**

**ସମ୍ବଲପୁର,୧୭।୩(ବି.ଶଙ୍କର)**

ସମ୍ବଲପୁର ମହାନଗର ହୀରାକୁଦ ଅଞ୍ଚଳର ବିକାଶ ଓ କର୍ମକର୍ତ୍ତାଙ୍କ କଲ୍ୟାଣ ସମ୍ପର୍କରେ ହିନ୍ଦ ମଜଦୁର ସଭା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ମଙ୍ଗଳବାର ୟୁନିଟ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ଜରିଆରେ ଆଦିତ୍ୟ ବିର୍ଲା ଗ୍ରୁପର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସଂସ୍ଥାର ସିଏସଆର୍ ପାଣ୍ଠି ମାଧ୍ୟମରେ ସମ୍ବଲପୁର-ହୀରାକୁଦ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତିମୂଳକ କାର୍ଯ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସମ୍ବଲପୁରରେ ଏକ ସିବିଏସଇ ବିଦ୍ୟାଳୟ ସ୍ଥାପନ କରିବା ଦାବି ରହିଛି। ଅଞ୍ଚଳରେ ଉନ୍ନତ ଚିକିତ୍ସା ସୁବିଧା ଦୃଷ୍ଟିରେ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଛି। ଏହା ସହ କର୍ମଚାରୀମାନଙ୍କ ଅବସର ବୟସ ୫୮ ବର୍ଷରୁ ବଢ଼ାଇ ୬୦ବର୍ଷ କରିବା ଦାବି ମଧ୍ୟ ଉଠାଯାଇଛି । ସରକାରୀ କ୍ଷେତ୍ରରେ ଏମସିଏଲ, ନାଲକୋ, ରାଉରକେଲା ଆରଏସପି ସବୁଠି ୬୦ବର୍ଷରେ ଅବସର ସମୟ ଥିବାବେଳେ ହିଣ୍ଡାଲକୋରେ ବର୍ତ୍ତମାନ କର୍ମଚାରୀଙ୍କ ୫୮ ବର୍ଷରେ ଅବସର ନେଉଛନ୍ତି । କିନ୍ତୁ ବରିଷ୍ଠ ଅଧିକାରୀମାନେ ୬୦ ବର୍ଷରେ ଅବସର ନେଉଥିବାରୁ ଏହା ଅସମାନତା ସୃଷ୍ଟି କରୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ପୂରଣ ସହ ସ୍ଥାନୀୟ ଯୁବକମାନଙ୍କୁ ଚାକିରିରେ ପ୍ରାଧାନ୍ୟ ଦେବା, କୌଶଳ ବିକାଶ ପ୍ରଶିକ୍ଷଣ ବ୍ୟବସ୍ଥା, ସମ୍ବଲପୁରୀ ହସ୍ତଶିଳ୍ପ ଓ ମହିଳା ସ୍ୱୟଂ ସାହାଯିକା ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହନ, ସୁଭାଷ ମଇଦାନର ଉନ୍ନତି, ସାର୍ବଜନୀନ ପାର୍କ ନିର୍ମାଣ, ଏଲଇଡି ଲାଇଟ୍ ବ୍ୟବସ୍ଥା ଓ ରେମେଡ୍ ଠାରୁ ହୀରାକୁଦ ପର୍ଯ୍ୟନ୍ତ ସବୁଜ ଦୁଇ ଥାକିଆ ସଡ଼କ ନିର୍ମାଣ ପରି ପ୍ରସ୍ତାବ ଦାବି ପତ୍ରରେ ଉଲ୍ଲେଖ ରହିଛି। ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ଉପଦେଷ୍ଟା ସଞ୍ଜିତ ମହାନ୍ତି ଓ ରାଜ୍ୟ ସମ୍ପାଦକ ତଥା ଇଣ୍ଡଲ ହିରାକୁଦ ୱାର୍କର୍ସ ପାୱାର ୟୁନିଅନ୍ ଏବଂ ହିଣ୍ଡାଲକୋ ହିରାକୁଦ ଏଫଆରପି ୱାର୍କସ ଏମ୍ପ୍ଲୟିଜ ୟୁନିଅନ ସଭାପତି ମହମ୍ମଦ ମୁର୍ତ୍ତୁଜା, ରୋଶନ ସିଂ, ଯୋଗୀନ୍ଦ୍ର ବେହେରା, ତୁଷାର ନାଥ, ସୁବ୍ରତ ପଣ୍ଡା, ଶେଖ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ କୁଆପଥର ବର୍ଷା

**ସମ୍ବଲପୁର,୧୭।୩(ଭବାନୀ ଶଙ୍କର ଭୋଇ)**

ମଙ୍ଗଳବାର ସକାଳେ ସମ୍ବଲପୁରରେ ପବନ ବହିବା ସହିତ ବର୍ଷା ହୋଇଛି। ପୁଣି ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ହେବା ସହ କରାମାଡ ହୋଇଥିଲା। କୁଆପଥର ବର୍ଷା ଯୋଗୁ ରାସ୍ତାରେ ଯାଉଥିବା ଲୋକେ ସୁରକ୍ଷିତ ସ୍ଥାନ ଖୋଜିବାକୁ ବାଧ ହୋଇଥିଲେ। ଅଦିନିଆ ବର୍ଷା ସହ କୁଆପଥର ବର୍ଷା ଯୋଗୁ ପରିବା ଚାଷ ନଷ୍ଟ ହେବାର ଆଶଙ୍କା ରହିଛି।

# ଜୀବନଜୀବିକା ପାଇଁ ରାହା ଖୋଜୁଛନ୍ତି କୁଟିଆ କନ୍ଧ

- **କ୍ୟାବିନେଟ ଅନୁମୋଦନର ବର୍ଷେ ପୂରିଲା**
- **କାର୍ଯ୍ୟକ୍ଷମ ହେଉନାହିଁ ଓପେଲିପ-୨ କାର୍ଯ୍ୟକ୍ରମ**

**ଭବାନୀପାଟଣା,୧୭।୩ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ଜୀବନଜୀବିକା ପାଇଁ ରାହା ଖୋଜୁଥିବା କୁଟିଆ କନ୍ଧ ପରିବାରକୁ ସ୍ୱତନ୍ତ୍ର ଧ୍ୟାନଦେଇ ବିଜେଡି ସରକାର ୨୦୧୬ରେ ମିଳିତ ଜାତିସଂଘ ସହଯୋଗରେ ପିଭିଟିଜି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ (ଓପେଲିପ) ଆରମ୍ଭ କରିଥିଲେ। ଏହି କ୍ରମରେ ଅନ୍ତର୍ଜାତୀୟ କୃଷି ଉନ୍ନୟନ ପାଣ୍ଠି (ଆଇଫଡ) ଏବଂ ଭାରତ ସରକାରଙ୍କ ସହ ୧୮ ମାର୍ଚ୍ଚ ୨୦୧୬ରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ କରି ଏହି ଯୋଜନା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟର ୧୨ ଜିଲାର ୧୭ ଅଣୁ ପ୍ରକଳ୍ପ ସଂସ୍ଥା ମାଧ୍ୟମରେ ୨୨ଟି ବ୍ଲକ, ୮୯ ପଞ୍ଚାୟତରେ ବସବାସ କରୁଥିବା ୧.୩୪ ଲକ୍ଷ ପିଭିଟିଜି ଜନସଂଖ୍ୟା (ଅନୁନ୍ନତ ଜନଜାତି ସମୁଦାୟ)ର ସାମୂହିକ ବିକାଶ ଓ ସଶକ୍ତୀକରଣ, ଜୀବିକା ଉନ୍ନତୀକରଣର ଲକ୍ଷ୍ୟ ରଖିଥିଲା। ୮୪୧ଟି ପିଭିଟିଜି ଗ୍ରାମରେ ୧୭ଟି ସ୍ୱେଚ୍ଛାସେବୀ ସଂଗଠନର ସହଭାଗିତାରେ କାର୍ଯ୍ୟକ୍ରମ ଶୁଭାରମ୍ଭର ମୂଳଦୁଆ ପଡିଥିଲା। ଓପେଲିପର ସଫଳତାକୁ ଦୋହରାଇବା ପାଇଁ ତଥା ପିଭିଟିଜିମାନଙ୍କ ବିକାଶର ଧାରା ନିରନ୍ତର ଜାରି ରଖିବା ନିମନ୍ତେ ବର୍ତ୍ତମାନର ଭାଜପା ସରକାର ମଧ୍ୟ ବାଧ୍ୟହୋଇ ପିଭିଟିଜି ସମାଜକୁ ସମ୍ମାନ ଜଣାଇ ଓପେଲିପ-୨ ପ୍ରଣୟନ ପାଇଁ ଗତ ୭ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇଥିଲେ। ମିଳିତ ଜାତିସଂଘର ଏକ ସଂସ୍ଥା ଆଇଫଡ ସହାୟତାରେ ପିଭିଟିଜିମାନଙ୍କ ଉନ୍ନତି ନିମନ୍ତେ ୨୪୨୨.୧୩ କୋଟି ବ୍ୟୟ ଅଟକଳରେ କାର୍ଯ୍ୟ କରିବାର ନିଷ୍ପତ୍ତି ନେଇଥିଲେ। ହେଲେ ବର୍ଷେରୁ ଊର୍ଦ୍ଧ୍ୱ ପରେ ବି ଏ ଦିଗରେ ଚୁପ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡି ସରକାରର ବଜେଟ ଓ ବର୍ତ୍ତମାନର ଭାଜପା ସରକାରର ବଜେଟରେ ପିଭିଟିଜିଙ୍କ ସର୍ବାଙ୍ଗୀନ ବିକାଶ ନିମିତ୍ତ ୯୦ କୋଟି ରଖିଥିବା ସତ୍ତ୍ୱେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇପାରିନାହିଁ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟରେ ଓପେଲିପ-୨ ପାଇଁ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇନାହିଁ। କେକେଡିଏ ତତ୍ତ୍ୱାବଧାନରେ ଚାଲିଥିବା ଓପେଲିପକୁ ସମ୍ପୂର୍ଣ୍ଣ ବନ୍ଦ କରି ଏବେ ରାଜ୍ୟ ସରକାର କୁଟିଆ କନ୍ଧଙ୍କ କ୍ଷେତ୍ରରେ ପିଏମ୍ ଜନମନ ଯୋଜନାରେ ଘର ଯୋଗାଇବା କାର୍ଯ୍ୟ ପରିଚାଳନା କରୁଛନ୍ତି। ସେହିପରି ଜୀବନ ଜୀବିକା ପାଇଁ ଆଇଟିଡିଏ ମୁଖ୍ୟମନ୍ତ୍ରୀ ଜନଜାତି ମିଶନ ଜରିଆରେ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଯୋଜନା ପ୍ରଣୟନ କରିଛନ୍ତି। ଯାହାକି କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ରେ ଚାଲିଛି। ଚଳିତ ବର୍ଷ ମାତ୍ର ୮ଜଣଙ୍କୁ ଜୀବନ ଜୀବିକା ପାଇଁ ୧ ଲକ୍ଷ ହିସାବରେ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କା ଚାଷକାର୍ଯ୍ୟ ସହ ଅନ୍ୟାନ୍ୟ କାମରେ ବିନିଯୋଗ ହେବ ବୋଲି ଭବାନୀପାଟଣା ପି.ଏ. ଆଇଟିଡିଏ ପ୍ରଦୀପ କୁମାର ଦାସ ପ୍ରକାଶ କରିଛନ୍ତି। ତେବେ ଏହି ଯୋଜନାର ସଫଳତା କଣ ତାହା ଜଣାପଡ଼ିନାହିଁ। ଓପେଲିପ ଦାରା ବିଭିନ୍ନ ଯୋଜନା ସ୍ଥାନୀୟ କୁଟିଆ କନ୍ଧଙ୍କୁ ବେଶ ପ୍ରଭାବିତ କରିଥିଲା। ପୋଷଣରେ ବ୍ୟାପକ ଉନ୍ନତି ଅଣାଯାଇ ପିଭିଟିଜି ଗର୍ଭବତୀ ମହିଳା ତଥା ଶିଶୁମାନଙ୍କ ପାଇଁ ଏକ ଅଭିନବ ପ୍ରୟାସର ପଦକ୍ଷେପ ସ୍ୱରୂପ ଓ ପିଭିଟିଜି ପୋଷଣ ଉନ୍ନତିକରଣ କାର୍ଯକ୍ରମ (ଓପିନିପ) ଆରମ୍ଭ ହୋଇଥିଲା। ପିଭିଟିଜି ପରିବାରଙ୍କୁ କୁକୁଡ଼ା, ଛେଳି, ବତକ ପାଳନରେ ସହାୟତା ମଧ୍ୟ ଯୋଗାଇ ଦିଆଯାଉଥିଲା। ଏତଦ୍‌ବ୍ୟତୀତ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଭଳି ଜାତୀୟ ପ୍ରତିଷ୍ଠାନ ଦ୍ୱାରା ଦୁର୍ଗମ ଅଞ୍ଚଳରେ ଓପେଲିପ ଉଦ୍ୟମରେ ସେବା ଯୋଗାଇ ଦିଆଯାଇଥିଲା। ଇକ୍ରିସାଟ, ୟୁନିସଫେ ଭଳି ଆନ୍ତର୍ଜାତୀୟ ପ୍ରତିଷ୍ଠାନ ଏହି ଦୁର୍ଗମ ଅଞ୍ଚଳରେ ସେବା ଓପେଲିପ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ସେବା ପ୍ରଦାନ କରିଥିଲେ। ଓପେଲିପ କର୍ମଚାରୀ ମାନଙ୍କର ନିରନ୍ତର ଉଦ୍ୟମ ଫଳରେ ଭୟାନକ ମହାମାରୀ କୋଭିଡ ୧୯ ପିଭିଟିଜିମାନଙ୍କର କୌଣସି କ୍ଷତି ପହଞ୍ଚାଇ ପାରି ନ ଥିଲା। ତେବେ ୩୧ ମାର୍ଚ୍ଚ ୨୦୨୪ ଓପେଲିପ ଶେଷ ହେବା ପରଠାରୁ ପିଭିଟିଜିମାନଙ୍କ ନିମିତ୍ତ ୧ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇନାହିଁ। କେନ୍ଦ୍ର ସରକାରଙ୍କ ପିଏମ୍ ଜନମନ ଯୋଜନା ସହ ଓପେଲିପ ୨ ପ୍ରଣୟନ ହୋଇଥିଲେ ରାଜ୍ୟର ପିଭିଟିଜିମାନଙ୍କର ପ୍ରଭୂତ ସଫଳତା ସହ ଦେଶରେ ଅନ୍ୟ ରାଜ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଥାନ୍ତା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।




ଓପେଲିପ ଯୋଜନାରେ କୁକୁଡା ଚାଷ କରିଥିବା ଜଣେ ବୃଦ୍ଧା।

# ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ଭିମ୍‌ସାରର ୩ କୋଠାରେ ନାହିଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର**

**ସମ୍ବଲପୁର,୧୭।୩(ଭବାନୀ ଶଙ୍କର ଭୋଇ)**

କଟକ ଏସ୍‌ସିବି ମେଡିକାଲରେ ଭୟାବହ ଅଗ୍ନିକାଣ୍ଡ ଘଟଣା ପରେ ବୁର୍ଲା ଭିମ୍‌ସାରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଭିମ୍‌ସାରର ରୋଗୀ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ପୁରୁଣା ୨ ମହଲା କୋଠା ସମେତ ୩ଟି କୋଠାର ଅଗ୍ନି ସୁରକ୍ଷା ପ୍ରମାଣପତ୍ର ନାହିଁ। ସେହିପରି ୯ ମହଲା ବିଶିଷ୍ଟ ଶିଶୁ ରୋଗ ଚିକିତ୍ସାପାଇଁ ନିର୍ମାଣ ହୋଇଥିବା ହସ୍ପିଟାଲର ମଧ୍ୟ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ନାହିଁ। ପୁରୁଣା ମୁଖ୍ୟ କୋଠା ୧୯୫୯ ମସିହାରେ ପ୍ରତିଷ୍ଠା ସମୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଆବଶ୍ୟକତା ନଥିଲା। ସେଥିପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ କୌଣସି ବ୍ୟବସ୍ଥା ଗ୍ରହଣ କରା ଯାଇ ନ ଥିଲା। ମଙ୍ଗଳବାର ଜିଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର ଭିମସାର ଅଧୀକ୍ଷକ ଡ. ଲାଲ ମୋହନ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ଏହାସହ ଭୁବନେଶ୍ୱରରୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିମାସର କର୍ତ୍ତୃପକ୍ଷଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ସ୍ଥିତି ବିଷୟରେ ଆକଳନ କରାଯାଇଥିଲା। ପୁରୁଣା କୋଠାଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ସେଠାରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଏଥିପାଇଁ ଭିମସାର କର୍ତ୍ତୃପକ୍ଷଙ୍କୁ ତିନୋଟି ବିକଳ୍ପ ଉପରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାଂଶ ଅଗ୍ନିକାଣ୍ଡ ସର୍ଟ ସର୍କିଟ ଯୋଗୁ ହୋଇଥାଏ। ସେଥିପାଇଁ ପ୍ରଥମେ ପୁରୁଣା କୋଠା ଗୁଡିକରେ ଲାଗିଥିବା ବଦ୍ୟୁତ୍ ସଂଯୋଗ ଏବଂ ଏସି ଗୁଡିକର ଯାଞ୍ଚ କରାଯିବା ସହ ଆବଶ୍ୟକ ଲୋଡିଂକୁ ଦୃଷ୍ଟିରେ ରଖ ନୂତନ ୱେରିଂ କରାଯିବ। ରୋଗୀ ସେବା ପାଇଁ ବ୍ୟବହାର ହେଉଥିବା ସମସ୍ତ ମେଶିନଗୁଡିକର ବିଦ୍ୟୁତ୍ ଲୋଡିଂ ଅନୁସାରେ ତାର ଲଗାଯିବା ନେଇ ନିର୍ଦ୍ଦେଶ କରାଯାଇଛି। ସେହିପରି ସମସ୍ତ କୋଠାରେ ଆବଶ୍ୟକ ଅଗ୍ନି ନିର୍ବାପନ ଯନ୍ତ୍ର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଡାକ୍ତର ଓ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତା ନେଇ ସଚେତନ କରାଯିବ ବୋଲି ଭିମସାର ଅଧୀକ୍ଷକ ଡ. ନାୟକ କହିଛନ୍ତି।

No.36001/2/2526

**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR,
BHUBANESWAR-751023 (ODISHA)
CIN: U51228OR2000SGC006372.

**Notice inviting Expression of Interest (EOI) from Advocates for Engagement as Sales Tax Consultant of OSBC Ltd.**

**EXPRESSION OF INTEREST (EOI)**

The Odisha State Beverages Corporation Ltd (OSBCL) invites Expression of Interest (EOI) from experienced Advocates based at Bhubaneswar for engagement as Sales Tax Consultant of OSBC Ltd. for the financial year 2026-27 and further extension subject to satisfactory performance.
The Expression of Interest (EOI) document prescribing the format of application along with information on terms of reference, selection criteria, areas of coverage etc. has been uploaded in the official website of OSBC Ltd. i.e. (www.osbc.co.in). Any updates related to the EOI documents shall be uploaded in website.
Interested Candidates may send their application in the prescribed format along with Annexure under sealed cover addressed to Chief Manager (Finance), OSBC by 25.03.2026 within 5.00 P.M.

OIPR-36001/36014/1/25-26/0002 Sd./- Chief Manager (Finance)

**OFFICE OF THE PANCHAYAT SAMITI, SADAR, DHENKANAL**
No.898, Date: 13.3.26
**"e" Procurement Notice**
BID Identification No. DSB 03/2025-26

**No.19001/85/2526:** Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in.

1. Name of the work : Construction work as mentioned in DTCN.
2. No. of works : 18 Nos.
3. Estimated Cost : As per Annexure
4. Period of Completion : 180 days
5. Date & Time of availability of Bid documents in the Portal : 17.03.26 at 10.00 A.M. to 30.03.26 upto 5.00 P.M.
6. Last date & time for receipt of bids in the portal : 30.03.26 upto 05.00 P.M.
7. Bids received online shall be opened on : 31.03.26 at 11.00 A.M.
8. Name and address of the officer inviting Bid : Block Development Officer, Sadar, Dhenkanal

Further details can be seen from the procurement portal i.e. www.tendersodisha.gov.in.

Sd./- Block Development Officer
Sadar Block, Dhenkanal
OIPR-19001/19433/1/25-26/0002

केनरा बैंक Canara Bank | सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭,
ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ,
କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, କୁଜଙ୍ଗ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କୁଜଙ୍ଗ ଶାଖା / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ କୃପା ମେଡିସିନ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରକାଶ ନାୟକ,** ସା: ବଳରାମପୁର, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା - ୭୫୪୧୪୧ / **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରକାଶ ନାୟକ,** ପିତା: ବଟକୃଷ୍ଣ ନାୟକ, ସା: ବାଲିଆ, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା - ୭୫୪୧୪୧ | କ) ଶ୍ରୀ ପ୍ରକାଶ ନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୦୩/୨୪୦୯, ମ୍ୟୁଟେସନ୍ ଖାତା ନଂ.: ୮୮୬/୯୬୧, ମୌଜା: ବଳରାମପୁର, ଥାନା ନଂ.: ୬୮, ତହସିଲ: କୁଜଙ୍ଗ, ତହସିଲ ନଂ.: ୩୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ପଞ୍ଜିକରଣ ସବ୍‌ଡିଷ୍ଟ୍ରିକ୍ଟ କୁଜଙ୍ଗ ଅଧିନସ୍ଥ, ଜିଲ୍ଲା: ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରଞ୍ଜନ ନାୟକ, ଦକ୍ଷିଣ: ଦାମୋଦର ସ୍ୱାଇଁ, ପୂର୍ବ: ନିରଞ୍ଜନ ନାୟକ, ପଶ୍ଚିମ: ରାସ୍ତା / ଖ) ୦୯.୦୧.୨୦୨୬ / ଗ) ୧୭.୦୩.୨୦୨୬ / ଘ) ଟ.୪୬,୭୪,୨୨୨/- (ଛୟାଳିଶି ଲକ୍ଷ ଚଉସ୍ତରୀ ହଜାର ଦୁଇ ଶହ ବାଇଶି ଟଙ୍କା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: କଟକ
ତାରିଖ: ୧୭.୦୩.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଭାଜପା ପାଳିଲା ବିଜୟ ଉତ୍ସବ

**ବନ୍ଧମୁଣ୍ଡା,୧୭।୩(ସୁବ୍ରତ ଦେ):** ରାଜ୍ୟସଭା ନିର୍ବାଚନ ଫଳାଫଳକୁ କେନ୍ଦ୍ର କରି ଭାଜପା କର୍ମୀଙ୍କ ଦ୍ୱାରା ବନ୍ଧମୁଣ୍ଡା ବି-ସେକ୍ଟର ଅଞ୍ଚଳରେ ଥିବା ଶିବ ମନ୍ଦିର ସମ୍ମୁଖରେ ସୋମବାର ସନ୍ଧ୍ୟାରେ ବିଜୟ ଉତ୍ସବ ଆୟୋଜନ କରାଯାଇଥିଲା। ବନ୍ଧମୁଣ୍ଡା ମଣ୍ଡଳ ଅଧ୍ୟକ୍ଷ ଲକ୍ଷଣ ଲୋହାର ଏବଂ ଯୁବ ଅଧ୍ୟକ୍ଷ ଆଲୋକ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପାର୍ଟିର କର୍ମୀ ତଥା ସ୍ଥାନୀୟ ଲୋକେ ସାମିଲ ହେଇଥିଲେ। ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଏବଂ ଦିଲୀପ ରାୟଙ୍କ ବିଜୟୀ ଉପଲକ୍ଷେ କର୍ମୀମାନେ ପରସ୍ପରଙ୍କୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ବିଜୟକୁ ଐତିହାସିକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭାଜପା କର୍ମୀ ଓ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଦୁବେ, ଗଣେଶ ବିଶ୍ୱାଳ, ରୀନା କୌର, ମୁକଲେଶ ସିଂହ, ହୃଷିକେଶ ସତପଥୀ, ୱି. ୱର୍ଦ୍ଦେଶ୍ୱର ରାଓ, ଅଭାଷ ହୋତା, ଚୁନ୍ନୁ ପାଣ୍ଡେୟ, ମୁକୁଳ ଦାସ, ବଣ୍ଟି, ବି. ଶ୍ରୀନୁ ରାଓ, ବିଦ୍ୟା ପ୍ରସାଦ ଏବଂ ରାଜେଶ ଦଲଇ ଉପସ୍ଥିତ ଥିଲେ।

### ଲେଖିକା ସଂସଦର ବସନ୍ତ କବିତା ଆସର

**ରାଉରକେଲା,୧୭।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ଲେଖିକା ସଂସଦ ପକ୍ଷରୁ ଛେଣ୍ଡ କଲୋନୀଠାରେ ମଙ୍ଗଳବାର ମହିଳା ଦିବସ ଓ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁଳା କୁମାରୀ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ସୁରକ୍ଷା, ଆତ୍ମନିର୍ଭରଶୀଳ, ଆତ୍ମସଚେତନତା ଓ ସେମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ଡ. କିଶୋରୀ ଦାଶ, ମଞ୍ଜୁଳା ରଥ, ବବିତା ମହାପାତ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ସ୍ନେହଲତା ପଟ୍ଟନାୟକ, ବିଜୟିନୀ ଜେନା, ସୁଚିତ୍ରା ଲେଙ୍କା, ସୁମିତ୍ରା ବାରିକ, ମମତା ଜେନା, ସୁମିତ୍ରା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାସହ ଏକ ମନୋଜ୍ଞ କବିତା ଆସରରେ ଉଷାରାଣୀ ଶତପଥୀ ଓ ଆଲୋଚନାରେ ଅଂଶଗ୍ରହଣ କରିଥିବା ସମସ୍ତ ସଭ୍ୟା ବସନ୍ତ ସମ୍ପର୍କିତ କବିତା ପାଠ କରିଥିଲେ। ନିନାରାଣୀ ଜେନା, ଜୟନ୍ତୀ ସାବତ, ପୁଷ୍ପାଞ୍ଜଳି ସାହୁ, ଅଙ୍କିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦିକା ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଅତାବିରା,୧୭।୩(ଯୁଧିଷ୍ଠିର ମହାପାତ୍ର):** ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଥାନା ଝାଉଁଯୋର ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ସମ୍ବଲପୁରରୁ ବରଗଡ଼ ଅଭିମୁଖେ ଯାଉଥିବା ବାଇକ୍(ନଂ.ଓଡି ୨୩ଏମ୍/୬୩୫୧)କୁ ଏକ ଅଜଣା ଗାଡ଼ି ଝାଉଁଯୋର ନଦୀ ପାଖରେ ଧକ୍କାଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଅତାବିରା ପୋଲିସ ପକ୍ଷରୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଫଳରେ କିଛିକ୍ଷଣ ଗାଡ଼ିମୋଟର ଜାମ୍ ହୋଇଯାଇଥିଲା । ଏ ନେଇ ଅତାବିରା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

# ମଦଭାଟି, ମଦ ଦୋକାନ ଲାଇସେନ୍ସ ନବୀକରଣ ବାତିଲ କର

## ଜିଲାପାଳଙ୍କ ଅଫିସ ଘେରିଲେ ଗ୍ରାମବାସୀ

**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି)**



ମଦଭାଟି, ମଦଦୋକାନ ଲାଇସେନ୍ସ ବାତିଲ ଦାବିରେ ହେମଗିର ବ୍ଲକ ଲଇକେରା ପଞ୍ଚାୟତବାସୀ ଜିଲାପଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଲଇକେରା ଗ୍ରାମରେ ଥିବା ଦେଶୀ ମଦ ଭାଟି ଓ ଶାଖା ମଦଦୋକାନ ଲାଇସେନ୍ସ ନବୀକରଣକୁ ବାତିଲ କରିବା ଦାବି ନେଇ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସି ରହିଛନ୍ତି। ଲଇକେରା ଗ୍ରାମର ଶତାଧିକ ମହିଳା, ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ପୂର୍ବନିଷ୍ପତ୍ତି ଅନୁଯାୟୀ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗ୍ରାମବାସୀମାନେ ଗତ ୧୦ତାରିଖରେ ଆସି ଜିଲାପଳଙ୍କୁ ଏହି ଦାବି ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଦାବି ପୂରଣ ନ ହୁଏ ତେବେ ୧୭ତାରିଖ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାପାଇଁ ଗ୍ରାମବାସୀ ଏହି ଦାବିପତ୍ରରେ ଚେତାବନୀ ଦେଇଥିଲେ।

ଉକ୍ତ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଥିଲେ ଯେ, ଲଇକେରା ଗ୍ରାମ ପଞ୍ଚାୟତର ଲଇକେରା ଗ୍ରାମ ପଞ୍ଚମ ଅନୁସୂଚିତ ଅଞ୍ଚଳ ମଧ୍ୟରେ ଅବସ୍ଥିତ। ଆଦିବାସୀ, ଦଳିତ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକ ଏହି ଗ୍ରାମରେ ବସବାସ କରନ୍ତି। ଏହି ଅଞ୍ଚଳରେ ମଦ ସହଜରେ ଉପଲବ୍ଧ ହେଉଥିବାରୁ ମଦ ଜନିତ ମୃତ୍ୟୁ ଓ ସାମାଜିକ ସମସ୍ୟା ଏକ ଭୟାଭୟ ପରିସ୍ଥିତି ସୃଷ୍ଟି କରିଛି। ଗତ କିଛି ବର୍ଷ ମଧ୍ୟରେ କେବଳ ଲଇକେରା ଗ୍ରାମରେ ପ୍ରାୟ ୧୭ଜଣ ବ୍ୟକ୍ତିଙ୍କ ମଦ୍ୟପାନ ଜନିତ ମୃତ୍ୟୁ ଘଟିଛି। ଏହା ମଧ୍ୟରେ ୧୫/୧୬ ବର୍ଷ ବୟସର କିଶୋରମାନେ ମଧ୍ୟ ରହିଛନ୍ତି। ମଦ ଭାଟି, ମଦ ଦୋକାନ ଯୋଗୁ ଚୋରି, ଡକାୟତି, ଗଣ୍ଡଗୋଳ ଓ ଘରୋଇ ହିଂସା ଆଦି ସାଧାରଣ ଘଟଣା ହୋଇଯାଇଛି। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ସହଜରେ ମଦ ଉପଲବ୍ଧ ହେଉଥିବାରୁ ସ୍କୁଲଛାତ୍ର ମାନେ ମଧ୍ୟ ମଦ ସେବନ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ମଦ ଭାଟି ଓ ମଦ ଦୋକାନ ବନ୍ଦ ଦାବିରେ ଗତ ୧୨/୨/୨୦୨୬ ତାରିଖରେ ଗ୍ରାମସଭାରେ ଗୃହୀତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ନଚେତ୍ ଗ୍ରାମବାସୀ ୧୭ ତାରିଖ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିଲେ। ଏହି ଚେତାବନୀ ମୁତାବକ ଗ୍ରାମର ଶତାଧିକ ମହିଳା ପୁରୁଷ ରାଜେନ୍ଦ୍ର ନାଏକ ଓ ସରପଞ୍ଚ ଦୀନେଶ ନାଏକଙ୍କ ନେତୃତ୍ୱରେ ଆସି ଅପରାହ୍ନ ୧୨ଟାରୁ ଏହି ଧାରଣାରେ ବସିରହିଛନ୍ତି। ଜିଲାପ୍ରଶାସନ ପକ୍ଷରୁ ବୁଧବାର ଠାରୁ ଏହି ମଦ ଦୋକାନ ଓ ଭାଟିକୁ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଗ୍ରାମବାସୀ ଏହାକୁ ଗ୍ରହଣ କରି ନ ଥିଲେ। ଏହି ମଦଦୋକାନର ଲାଇସେନ୍ସକୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ରିପୋର୍ଟ ପଠାହେବା ପର୍ଯ୍ୟନ୍ତ ରାତି ୧୦ଟା୪୦ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଛନ୍ତି।

ଜିଲାପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ଆନ୍ଦୋଳନକାରୀଙ୍କ ସହିତ ରାତି ସାଢେ ୯ଟା ବେଳେ ଆନ୍ଦୋଳନ ସ୍ଥଳକୁ ଆସି ଆଲୋଚନା କରିଥିଲେ। ଅବକାରୀ ଆଇନ ନୀତି ଅନୁଯାୟୀ ବର୍ତ୍ତମାନ ଲାଇସେନ୍ସ ବାତିଲ କରିବା ନ ଥିବା ଓ ବୁଧବାରଠାରୁ ମଦଭାଟି ଓ ଦୋକାନକୁ ପ୍ରଶାସନ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଆନ୍ଦୋଳନକାରୀ ଗ୍ରାମବାସୀ ଏହାକୁ ଗ୍ରହଣ ନ କରି ଗ୍ରାମ ପଞ୍ଚାୟତର ଗ୍ରାମ ସଭା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ମଦଭାଟି ଓ ମଦ ଦୋକାନ ଲାଇସେନ୍ସ ନବୀକରଣକୁ ବାତିଲ କରିବା ଦାବିରେ ଅଡି ବସିରହିଛନ୍ତି।

# ୨୦ ଘର କୈବର୍ତ୍ତ ସମାଜର ବାର୍ଷିକ ପୂଜା ଉତ୍ସବ

**ବଡ଼ଗାଁ,୧୭।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଉଁସେନ ଗ୍ରାମରେ ମଙ୍ଗଳବାର ୨୦ଘର କୈବର୍ତ୍ତ ସମାଜର ବାର୍ଷିକ ପୂଜା ଉତ୍ସବ ବଡ଼ଗାଁ ଓ କୁତ୍ରା ବ୍ଲକ କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଚିନ୍ତାମଣି ଡନସନାଙ୍କ ଘରୁ ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ଖଣ୍ଡାକୁ ପୂଜକ ରାଜିନ ଡନସନା ଓ ଅଭିମନ୍ୟୁ ଡନସନା ପୂଜା କଳାପରେ ଶୋଭାଯାତ୍ରାରେ ଅଣାଯାଇଥିଲା। ଆୟୋଜିତ ସଭାରେ ସମାଜର ବଡ଼ଗାଁ ବ୍ଲକ ସଭାନେତ୍ରୀ ପ୍ରଭାସିନୀ ସେଠ ସଭାପତିତ୍ୱ କରିଥିଲେ। ଜିଲା ଯୁଗ୍ମ ସମ୍ପାଦକ ସୁରେଶ ସେଠ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିଥି ପରିଚୟ କରାଇଥିଲେ। ସଭାରେ ଅତିଥିଭାବେ ଯୋଗ ଦେଇଥିବା ଜିଲା ସଭାପତି ଶୁକଦେବ ବଡାଇ, ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ, ଜିଲା କାର୍ଯ୍ୟକାରୀ ସଭ୍ୟ ଯାଜ୍ଞଶରୀ ବଡେକ, ନରହରି ସେଠଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ନାଏକ, ସମାଜ ସଂଘ ରେଜିଷ୍ଟ୍ରେଶନ ହୋଇଥିବା ସମାଜ ସମ୍ବିଧାନରେ ସ୍ଥାନିତ ନୀତି ନିୟମ, ପରମ୍ପରାକୁ ପାଳନ କରିବା ସହ ନିଶା ମୁକ୍ତ ଶୃଙ୍ଖଳିତ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ କହିଥିଲେ। ଯୋଗଦେଇଥିବା ଅତିଥିମାନେ ସଂଘ ମାଧ୍ୟମରେ ସମସ୍ତେ ଏକ ହେବାକୁ ଆହ୍ୱାନ ଦେଇଥିଲେ। କୁତ୍ରା ବ୍ଲକର କର୍ମକର୍ତ୍ତା ଖିତୁ କାଲୋ, ହରେକୃଷ୍ଣ ସେଠ, ବଡ଼ଗାଁ ବ୍ଲକର କଳ୍ପ ସେଠ, ଦେବେନ୍ଦ୍ର ନାଏକ, ବସୁମତୀ ସେଠ ଆଲୋଚନାରେ ମତ ରଖିଥିଲେ। ଶିବ ଶଙ୍କର ସେଠ, ସଚ୍ଚିନ୍ଦ୍ର ମାଝୀ, ଆରତୀ ପାଣ୍ଡେ, ଗୋବିନ୍ଦ ସେଠ, ଉମେଶ ପାଣ୍ଡେ, ପ୍ରଫୁଲ୍ଲ ନାଏକ, ମନୋଜ ସେଠ, ରୁପେଶ ତରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଆରାଧ୍ୟ ଦେବୀଙ୍କ ପୂଜା କରାଯାଉଛି।

# ସାଇବର ସୁରକ୍ଷା ସଚେତନତା, ସଫେଇ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି)**


ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ଛାତ୍ରୀଛାତ୍ରମାନେ ବନ୍ଧପାଲି ଗ୍ରାମରେ ସାଇବର ସୁରକ୍ଷା ଓ ସଫେଇ ଅଭିଯାନ କରୁଛନ୍ତି।

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ଗ୍ରାମଠାରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା ଏବଂ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ଗ୍ରାମ୍ୟ ଜନସାଧାରଣଙ୍କ ମଧ୍ୟରେ ସାଇବର ସୁରକ୍ଷା ସଂକ୍ରାନ୍ତ ସଚେତନତା ବୃଦ୍ଧି କରିବା ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାଇବର ସୁରକ୍ଷା ସଚେତନତା ରାଲି ଆୟୋଜିତ ହୋଇଥିଲା। ବି.ଏଡ୍. ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ହାତରେ ସ୍ଲୋଗାନ ସମ୍ବଳିତ ପ୍ଲାକାର୍ଡ ଧରି ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ବନ୍ଧପାଲି ଗ୍ରାମର ବିଭିନ୍ନ ଗଳି ଓ ରାସ୍ତା ଦେଇ ପରିକ୍ରମା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଇବର ସୁରକ୍ଷା ଉପରେ ଏକ ପଥପ୍ରାନ୍ତ ନାଟ୍ୟ ପ୍ରଦର୍ଶନ ହୋଇଥିଲା। ବି.ଏଡ୍. ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଇବର ସୁରକ୍ଷା ବିଷୟ ଉପରେ ଏହା ଏକ ଶିକ୍ଷଣୀୟ ଓ ହୃଦୟ ସ୍ପର୍ଶୀ ହୋଇପାରିଥିଲା। ଏହି ନାଟ୍ୟ ମାଧ୍ୟମରେ ଜଟିଳ ଡିଜିଟାଲ ଅବଧାରଣାଗୁଡ଼ିକ ଅତ୍ୟନ୍ତ ସରଳ ଓ ବୋଧଗମ୍ୟ ଭାଷାରେ ସାଧାରଣ ଲୋକଙ୍କଠାରେ ପହଞ୍ଚାଇ ଦିଆଯାଇଥିଲା। ତୃତୀୟ ପର୍ଯ୍ୟାୟରେ ବନ୍ଧପାଲି ଗ୍ରାମରେ ଗଣ ସଫାଇ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ର ଓ ଜନସାଧାରଣ ମିଳିତ ଭାବରେ ଗ୍ରାମ ରାସ୍ତା, ଆଖ ପାଖ ଅଞ୍ଚଳ ଓ ଖୋଲା ସ୍ଥାନ ଗୁଡ଼ିକ ସଫା କରିଥିଲେ। ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ଶମ୍ଭୁ ଶଙ୍କର ଦୀପଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭାଗର ଅଧ୍ୟାପକ ଗରୁଡ଼େଶ୍ୱର ଦାସ, ଡ. ବସନ୍ତ କୁମାର ମହାକୁଡ଼, ଡ. ଦୀପାଞ୍ଜଳି ମେହେର, ସୁପ୍ରୀତି ପଣ୍ଡା, ସୁଚିତ୍ରା ମହାନ୍ତି, ଜ୍ଞାନନୟନୀ କରଳୀ ଏବଂ ସନତ ପ୍ରଧାନ ଏହି ଅଭିଯାନରେ ଭାଗ ନେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଅଣ-ଶିକ୍ଷଣ କର୍ମଚାରୀ ଶୁଭମ କୁମାର ମେହେର ଓ ଜାମେଲ ଅନ୍ସାରୀ ମଧ୍ୟ ଏହି ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ବିଦେଶୀ ମଦ ଜବତ, ୫ ଗିରଫ

**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା କିଞ୍ଜିରିକେଲା ଥାନା ପୋଲିସ ଚୋରା ମଦ କାରବାର ଉପରେ ଚଢ଼ାଉ କରି ମଙ୍ଗଳବାର ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏନେଇ କିଞ୍ଜିରିକେଲା ଥାନାରେ କେସ୍ ନଂ.୯୭/୨୬, ୯୮/୨୬, ୯୯/୨୬, ୧୦୦/୨୬ ଓ ୧୦୧/୨୬ରେ ୫ଟି ମାମଲା ରୁଜୁ କରାଯାଇ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗୌତମ ସାହୁ, ଚତୁର୍ଭୁଜ ସାହୁ, ମୁକେଶ ବେହେରା, ଭୀମସେନ ସାହୁ ଓ ବନମାଳୀ ବେହେରା। ଏନେଇ ସୁନ୍ଦରଗଡ ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ ସୂଚନା ଦେଇଛନ୍ତି। ଜବତ ହୋଇଥିବା ମଦ ମଧ୍ୟରେ୪୩୩ଟି ବିୟର ବୋତଲ,୩୧୮ବୋତଲ ହ୍ୱିସ୍କି ରହିଛି। ଏହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅତିରିକ୍ତ ଏସପି ସାମଦ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଜେଆରସି ପରାମର୍ଶଦାତା ତାଲିମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**କୁତ୍ରା,୧୭।୩ (ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ ପରାମର୍ଶଦାତାଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେଆରସିର ଲକ୍ଷ୍ୟ, ମୂଲ୍ୟବୋଧ ଓ ସେବାମୂଳକ କାର୍ଯ୍ୟକଳାପକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଅଧିକାର ମୁରଲିଧର ବେହେରା ଯୋଗଦେଇ ଜେଆରସିର ଲକ୍ଷ୍ୟ, ସେବା ବିଷୟରେ ଉଲ୍ଲେଖ କରିଥିଲେ। ସେ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବାଭାବ, ନୀତିମୂଲ୍ୟ ଓ ସମାଜିକ ଦାୟିତ୍ୱ ବିକଶିତ କରିବାରେ ଜେଆରସିର ଭୂମିକା ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥିଭାବେ ସମଗ୍ର ଶିକ୍ଷା ଜିଲା କୋଡିନେଟର ଅମାତ୍ୟ ପ୍ରଧାନ ଓ କୁତ୍ରା ବିଇଓ ଅନନ୍ତ କୁମାର ନାଏକ ଉପସ୍ଥିତ ରହି ଶିକ୍ଷା କ୍ଷେତ୍ରରେ ଏପରି ପ୍ରଶିକ୍ଷଣର ଆବଶ୍ୟକତା ଓ ପ୍ରାସଙ୍ଗିକତା ବିଷୟରେ ମତ ପ୍ରକାଶ କରିଥିଲେ। ତାଲିମ ଦାତା ଭାବେ ଅନିଲ ପାଣିଗ୍ରାହୀ ଓ କବିତା ମଞ୍ଜରୀ ମହନ୍ତ ଯୋଗଦେଇ ଜେଆରସି କାର୍ଯ୍ୟକ୍ରମର ବିଭିନ୍ନ ପାର୍ଶ୍ୱ, ଆପଦକାଳୀନ ସେବା, ସ୍ୱାସ୍ଥ୍ୟ ସଚେତନତା ଓ ସମାଜସେବା ଉପରେ ପ୍ରାୟୋଗିକ ଓ ସାଧାରଣ ଜ୍ଞାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ଡ଼. ବିଭୀଷଣ ବାରିକ ସୁଚାରୁ ଭାବେ ପରିଚାଳନା କରିଥିଲେ। ତାଙ୍କର ସମନ୍ୱୟରେ ସମଗ୍ର କାର୍ଯ୍ୟକ୍ରମ ଶୃଙ୍ଖଳାବଦ୍ଧ ଓ ସଫଳ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଦିପିକା କେର୍କେଟା, ରୋହିତ ଜୟପୁରିଆ, ସୁନିତା ପଟେଲ, ଲିପିକା କାଲୋଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏପରି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଜେଆରସି ପରାମର୍ଶଦାତାମାନେ ଆଗାମୀଦିନରେ ଛାତ୍ରୀଛାତ୍ରଙ୍କୁ ସେବାମୂଳକ କାର୍ଯ୍ୟରେ ଅଧିକ ସଚେତନ ଓ ସକ୍ରିୟ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି।

# ବ୍ୟକ୍ତିଗତ ଜଙ୍ଗଲ ଜମି ଶିରୋନାମା ପ୍ରଦାନ ଦାବିରେ ଧାରଣା

**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି)**

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ହେମଗିର ବ୍ଲକର ସିଆରମାଲ ଗ୍ରାମର ୨୯ପରିବାର ଶିରୋନାମା ପ୍ରଦାନ ଦାବିରେ ମଙ୍ଗଳବାରଠାରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏହି ୨୯ଆଦିବାସୀ ପରିବାର ଅଭିଯୋଗ କରିଛନ୍ତି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ଜମି ଶିରୋନାମା ପାଇଁ ଦାବି କରିଥିଲେ। ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବାର ପ୍ରତିଶୃତି ଦିଆଯାଇ ପ୍ରଶାସନ ଖଣି ପାଇଁ ବିସ୍ଥାପିତ କରିଥିଲା। ଗତ ୭/୫/୨୦୨୨ମସିହାରେ ଜିଲା ସ୍ତରୀୟ କମିଟିରେ ଅନୁମୋଦନ କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସେମାନଙ୍କୁ ଜମି ଶିରୋନାମା ପ୍ରଦାନ କରାଯାଇ ନାହିଁ। ଫଳରେ ନିଯୁକ୍ତି ଓ କ୍ଷତି ପୂରଣ ପାଇବାରୁ ଏହି ପରିବାର ବଞ୍ଚିତ ହୋଇଥିବା ଅଭିଯୋଗ କରି ଧାରଣାରେ ବସି ରହିଛନ୍ତି।

# ମାର୍ଚ୍ଚ ୨୩ରେ ଜିଲା ବକ୍ସିଂ ଦଳ ଚୟନ ଶିବିର

**ସୁନ୍ଦରଗଡ,୧୭।୩(ଜୟ ନାରାୟଣ ମେଣ୍ଡୁଲି):** ଜିଲା କ୍ରିଡା ସଂସଦ ଆନୁକୂଲ୍ୟରେ ମାର୍ଚ୍ଚ ୨୩ତାରିଖରେ ଜିଲା କନିଷ୍ଠ, ଯୁବ ବର୍ଗର ଉଭୟ ମହିଳା ଓ ପୁରୁଷ ବର୍ଗର ବକ୍ସିଂ ଦଳ ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ବକ୍ସିଂ ଖେଳାଳିମାନେ ତାଙ୍କର ଜନ୍ମଗତ ପ୍ରମାଣ ପତ୍ର, ଆଧାର କାର୍ଡ, ୨ଟି ପାସପୋର୍ଟ ସାଇଜ ଫଟୋ ଓ ଫିଟନେସ ସାର୍ଟିଫିକେଟ ସାଙ୍ଗରେ ଆଣି ଶିବିରରେ ଦାଖଲ କରିବେ। ଯୁବ ମହିଳା ଓ ପୁରୁଷ ବର୍ଗର ଖେଳାଳିଙ୍କ ଜନ୍ମ ୨୦୦୮ଜାନୁଆରୀ ୧ରୁ ୨୦୦୯ ଡିସେମ୍ବର ୩୧ମଧ୍ୟରେ ହୋଇଥିବା ଆବଶ୍ୟକ। କନିଷ୍ଠ ମହିଳା ଓ ପୁରୁଷ ବର୍ଗର ଖେଳାଳିମାନଙ୍କ ଜନ୍ମ ୨୦୧୦ ଜାନୁଆରୀ୧ ରୁ ୩୧ଡିସେମ୍ବର ୨୦୧୧ମଧ୍ୟରେ ହୋଇଥିବା ଆବଶ୍ୟକ। ସୁନ୍ଦରଗଡ ଭବାନୀ ଭବନ ଖେଳପଡିଆରେ ଥିବା ବକ୍ସିଂ ରିଙ୍ଗ ଠାରେ ୨୩ତାରିଖ ସକାଳ ୯ଟାରେ ଏହି ଜିଲା ସ୍ତରୀୟ ଚୟନ ଶିବିର ଅନୁଷ୍ଠିତ ହେବ। ମନୋନୀତ ଜିଲା ଦଳ ଖେଳାଳିମାନେ ଚଳିତ ମାର୍ଚ୍ଚ ୨୫ ଓ ୨୬ତାରିଖରେ ରାଉରକେଲା ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି।

## ଖାଦ୍ୟ ପାଇଁ ସଙ୍କଟରେ ପଶୁ ସମ୍ପଦ

# ଜଳୁଛି ଜଙ୍ଗଲ, ଚାଷ ଜମି


ଚାଷଜମିରେ ନିଆଁ ଲାଗିଯିବାରୁ ଖାଦ୍ୟ ଅନ୍ୱେଷଣରେ ଗୋରୁ।

**ଲହୁଣୀପଡ଼ା,୧୭।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଜଙ୍ଗଲ ଓ ଚାଷ ଜମିରେ ନିଆଁ ଲାଗୁଛି। ଖାଦ୍ୟ ପାଇଁ ଏବେ ସଂକଟରେ ପଶୁପକ୍ଷୀ। ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିଲେ ଜଙ୍ଗଲ ଓ ଜମିରେ ନିଆଁ ଲାଗିବା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରାକୃତିକ ନିଆଁ କମ ଲାଗୁଥିବା ବେଳେ ମନୁଷ୍ୟକୃତ ନିଆଁ ଅଧିକ ବୋଲି ଅଭିଯୋଗ ହେଉଛି। ଅପ୍ରାକୃତିକ ନିଆଁ କ୍ଷଣିକ ସ୍ୱାର୍ଥ ସିନା ସାଧନ କରୁଛି, ହେଲେ ପରିବେଶ ସନ୍ତୁଳନରେ ତଥା ମାନବ ସମାଜ ପାଇଁ ଭୟଙ୍କର ବିପଦ ସୃଷ୍ଟି କରୁଛି। ଲହୁଣୀପଡ଼ା ଅଞ୍ଚଳରେ ଏହି ପରିସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଜମିରେ ନିଆଁ ଲାଗୁଛି। ଗୁଡ଼ିଆଲି, ମିଶରପାଲି, ନନ୍ଦାପଡା, କାଟୁପଡା, ଲମସି, ବାନ୍ଧୁପଡା, କେନ୍ଦୁଡ଼ିହି, ଗମଲେଇ, ସୁରୁପତଲା, ଅର୍କେକଲା, କେନାପାଲି, ଥେଣ୍ଟେଇ ପୋଷ, କପଣ୍ଡ, ବଡପୁରୁଣାପାଣି, ତାଳବାହାଲୀ, ଜୁଣିଆଣୀ, ଗୋପନା,ବିମଳାଗଡ, ଢେଙ୍କିଆମ, ଟକରା, ବିରତୋଳା ଭଳି ବହୁ ଗ୍ରାମର ଏକର ଏକର ଜମିରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଲୋକେ ମହୁଲ ଗଛରୁ ମହୁଲ ଗୋଟାଇବାକୁ ଗଛମୂଳ ସଫା ଉଦ୍ଦେଶ୍ୟରେ ନିଆଁ ଲଗାଇ ପୁଣି ଲିଭାଇବାକୁ ଯତ୍ନବାନ ଥିଲେ। ମାତ୍ର ବର୍ତ୍ତମାନ ସ୍ଥିତିରେ ଘୋର ବ୍ୟତିକ୍ରମ ହେଉଥିବା ପରିଲକ୍ଷିତ ହେଉଛି। ନିଆଁ ଲଗାଇ ଛାଡି ଦେଉଥିବା ଯୋଗୁ ତାହା ଦେଖୁ ଦେଖୁ ସବୁଆଡେ ପ୍ରସାରିତ ହୋଇଯାଉଛି। ଏମିତିକି ଜନବସତି ଆଡକୁ ନିଆଁ ମାଡି ଆସୁଛି। ଏହାକୁ ରୋକିବା ପାଇଁ ସଚେତନତା, ସଠିକ ବନ ପରିଚାଳନା ଓ କଡ଼ା ଆଇନ ଲାଗୁ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କାର୍ଯ୍ୟାଳୟରେ ତହସିଲ ମୁଖ୍ୟ କିରାଣି ଅସୁସ୍ଥ

**ଲୋଇସିଂହା,୧୭।୩(ସୁଶାନ୍ତ ବାରିକ)**

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଗରମ ଓ ଗୁଳଗୁଳିରେ ଅତିଷ୍ଠ ହୋଇ ଲୋକେ ଅସୁସ୍ଥ ହେବା ଖବର ମିଳୁଛି। ବଲାଙ୍ଗୀର ଜିଲା ଲୋଇସିଂହା ତହସିଲର ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ମିଶ୍ର ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ।



### ଖପ୍ରାଖୋଲରେ ବର୍ଷା, କୁଆପଥର ମାଡ଼

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ବର୍ଷା ସହିତ କୁଆପଥର ମାଡ ହୋଇଛି। ଖପ୍ରାଖୋଲ, କପସିପାଲି, ଭେଲୁଆଖୋଲ, ଓଡ଼ିଆପାଲି, ବୁଡ଼ିବାହାଲ, ଧଣ୍ଡାମୁଣ୍ଡା ସମେତ ବିଭିନ୍ନ ଗାଁରେ ବର୍ଷା ହୋଇଛି। ବ୍ଲକ ସଦର ମହକୁମା ଓ ଆଖପାଖ ଗାଁରେ କୁଆପଥର ମାଡ ହୋଇଛି। ବର୍ଷା ଯୋଗୁ ଗରମରୁ ଲୋକଙ୍କୁ ତ୍ରାହି ମିଳିଛି। ଏନେଇ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟଙ୍କୁ ପଚାରିବାରେ ବର୍ଷା ଓ କୁଆପଥର ମାଡରେ କୌଣସି କ୍ଷୟକ୍ଷତି ହେବାର ଅଭିଯୋଗ ମିଳି ନ ଥିବା ପ୍ରକାଶ କରିଛନ୍ତି।

# ଚର୍ଚ୍ଚାରେ ଓଡ଼ିଆ ପୁଅ କ୍ୟାପ୍‌ଟେନ ଧୀରଜ ଅଗ୍ରୱାଲ

## ମଧ୍ୟପ୍ରାଚ୍ୟ ଯୁଦ୍ଧ ଅର୍ଗଳିରୁ ବାହାରିଆସିଲା 'ନନ୍ଦାଦେବୀ'

- ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଘରେ ଖୁସି ମନାଇଲେ ପରିବାର ସଦସ୍ୟ
- ଧୀରଜଙ୍କ ପାଖକୁ ଛୁଟୁଛି ଶୁଭେଚ୍ଛାର ସୁଅ

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ମଧ୍ୟପ୍ରାଚ୍ୟରେ ଏବେ ଯୁଦ୍ଧର ଘନଘଟା। ଇରାନ୍-ଇସ୍ରାଏଲ-ଆମେରିକାର ଘମାଘୋଟ ଲଢ଼େଇ। ଠିକ୍ ଏତିକିବେଳେ ଅତ୍ୟନ୍ତ ସମ୍ବେଦନଶୀଳ ମଧ୍ୟପ୍ରାଚ୍ୟର ହର୍ମୁଜ୍ ପ୍ରଣାଳୀ (ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍)ରେ ଅଟକି ରହିଥିଲା ଭାରତର ୨ ଏଲ୍‌ପିଜି ବୋଝେଇ ଜାହାଜ 'ନନ୍ଦାଦେବୀ' ଓ 'ଶିବାଲିକ୍'। ଭୀଷଣ ଯୁଦ୍ଧ ଏବଂ ପ୍ରଚଣ୍ଡ ବୋମାବର୍ଷଣ ଭିତରେ ସଂକୀର୍ଣ୍ଣ ସମୁଦ୍ର ପଥରେ ଅଟକି ରହିଥିବା ୨ ଜାହାଜର ନୌ ଅଧିକାରୀ ଓ କର୍ମଚାରୀଙ୍କ ମାନସିକ ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମେୟ। ତେବେ ସକଳ ପ୍ରତିକୂଳ ପରିସ୍ଥିତି ସହ ଯୁଝି ଭାରତ ଫେରି ଆସିଛି ଗ୍ୟାସ୍ ବୋଝେଇ ଜାହାଜ ନନ୍ଦାଦେବୀ ଓ ଶିବାଲିକ୍। ଭାରତ ପହଞ୍ଚିବା ପରେ ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି ଓଡ଼ିଆ ପୁଅ କ୍ୟାପ୍‌ଟେନ ଧୀରଜ ଅଗ୍ରୱାଲ। ସେ ଥିଲେ 'ନନ୍ଦାଦେବୀ' ଜାହାଜର କ୍ୟାପ୍‌ଟେନ। ତାଙ୍କ ଘର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ। ତାଙ୍କର ଅସୀମ ଧୈର୍ଯ୍ୟ, ସାହସ ଏବଂ କର୍ତ୍ତବ୍ୟନିଷ୍ଠା ତାଙ୍କୁ ଲକ୍ଷ୍ୟ ପଥରେ ପହଞ୍ଚାଇଛି । ସୁରକ୍ଷିତ ଭାବେ ପୁଅ ଓ ଜାହାଜ ଭାରତରେ ପହଞ୍ଚି ଥିବାରୁ ଧୀରଜଙ୍କ ଘରେ ଏବେ ଖୁସିର ମାହୋଲ।

ମଧ୍ୟପ୍ରାଚ୍ୟର ଯୁଦ୍ଧ ଭିତରେ ଇରାନ୍ ଯେତେବେଳେ ହର୍ମୁଜ୍ ପ୍ରଣାଳୀରେ ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଇଲା ଅନେକ ଦେଶର ଜାହାଜ ସେଠାରେ ଅଟକି ରହିଥିଲା। ସେଥିରେ ଥିଲା ଭାରତର 'ନନ୍ଦାଦେବୀ' ଓ 'ଶିବାଲିକ୍'। ମଧ୍ୟପ୍ରାଚ୍ୟର ଆକାଶ ବୋମା ଓ ମିଶାଇଲ ମାଡ଼ରେ ଭୟାନକ ହୋଇଉଠିଥିଲା। ଗଭୀର ସମୁଦ୍ର ଜଳରାଶିରେ ଗ୍ୟାସ୍ ବୋଝେଇ ଜାହାଜ ଭିତରେ ସମସ୍ତ କର୍ମଚାରୀ ଏବଂ ସହଯୋଗୀଙ୍କୁ ନେଇ ଅସୀମ ଧୈର୍ଯ୍ୟ ଓ ସାହସ ଦେଖାଇଥିଲେ ଧୀରଜ। 'ନନ୍ଦାଦେବୀ'କୁ ଭାରତ ଅଭିମୁଖେ ଆଣିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରାୟ ୧୨ ଦିନ ପୂର୍ବରୁ ଗ୍ୟାସ୍ ବୋଝେଇ ଜାହାଜ 'ନନ୍ଦାଦେବୀ' ୟୁଏଇର ଏକ ବନ୍ଦରରୁ ବାହାରିଥିଲା। ତେବେ ମଧ୍ୟପ୍ରାଚ୍ୟରେ ଇରାନ୍-ଇସ୍ରାଏଲ-ଆମେରିକା ଯୁଦ୍ଧ କାରଣରୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜ ଚଳାଚଳ ଉପରେ ଇରାନ୍ ପ୍ରତିବନ୍ଧ ଲଗାଇବା ପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ମାତ୍ର ଭାରତର କୂଟନୈତିକ ସଫଳତା ପରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରୁ ୨ ଜାହାଜ ଭାରତ ଅଭିମୁଖେ ଆସିଥିଲା। 'ନନ୍ଦାଦେବୀ' ମଙ୍ଗଳବାର ଭାରତର ଗୁଜରାଟ ଉପକୂଳରେ ପହଞ୍ଚିବା ପରେ ସାରା ଦେଶରେ ଏବେ ଖୁସିର ଲହରି ଖେଳିଯାଇଛି। 'ନନ୍ଦାଦେବୀ'ର ସଫଳ ଯାତ୍ରା ଏବଂ ଏଭଳି ସଙ୍କଟମୟ ସମୟରେ ଆଭ୍ୟନ୍ତରୀଣ ପରିଚାଳନା କରିବାରେ କ୍ୟାପ୍‌ଟେନ ଧୀରଜଙ୍କ ଭୂମିକାକୁ ପ୍ରଶଂସା କରାଯାଉଛି। ତାଙ୍କ ପାଖକୁ ଏବେ ଛୁଟୁଛି ଶୁଭେଚ୍ଛାର ସୁଅ । ଏଭଳି ସଫଳତାରେ ପରିବାର ଲୋକେ ଖୁସି। ଧୀରଜ ହେଉଛନ୍ତି କଣ୍ଟାବାଞ୍ଜିର ସ୍ୱର୍ଗତ ରମେଶ ଛାପଡ଼ିଆ ଏବଂ ସନ୍ତୋଷ ଦେବୀଙ୍କ ପୁଅ। କଣ୍ଟାବାଞ୍ଜିରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ମୁମ୍ବାଇସ୍ଥିତ ମେରିଟାଇମ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରୁ ସେ ନୌବାହନ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ୨୦୧୭ରୁ ସେ ଦେଶର ନୌବାହନ ସଂସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଏବେ ସେ ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆରେ କାର୍ଯ୍ୟରତ ଅଛନ୍ତି। ଏଭଳି କାର୍ଯ୍ୟରେ ତାଙ୍କ ମା' ଓ ସ୍ତ୍ରୀ ଗର୍ବିତ ବୋଲି କହିଛନ୍ତି। ତାଙ୍କୁ ପ୍ରଧାନମନ୍ତ୍ରୀ ଭେଟିବେ ବୋଲି ଜାଣିବା ପରେ ବେଶ୍ ଖୁସି ବୋଲି ତାଙ୍କ ମା' ସନ୍ତୋଷ ଦେବୀ ଗଣମାଧ୍ୟମକୁ କହିଛନ୍ତି।



'ନନ୍ଦାଦେବୀ'ରେ କ୍ୟାପ୍‌ଟେନ ଧୀରଜ ଅଗ୍ରୱାଲ।

# ପାନୀୟ ଜଳର ସ୍ୱଚ୍ଛତାକୁ ନେଇ ଲୋକେ ଚିନ୍ତିତ

## ୩୫ବର୍ଷର ପ୍ରକଳ୍ପର ହେଉନି ପୁନରୁଦ୍ଧାର

ଦେଓଗାଁ,୧୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟକୁ ପ୍ରାୟ ୩୫ ବର୍ଷ ହେଲା ସ୍ଥାନୀୟ ସୋନଗଡ଼ ନଦୀରୁ ପାନୀୟ ଜଳ ଯୋଗାଣ ହେଉଛି । ଏହି ପୁରାତନ ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନଥିବା ବେଳେ ଗଭୀର କୂପରେ ମାଟି ପୋତି ହୋଇ ପାନୀୟ ଜଳ ଦୂଷିତ ହେବାରେ ଲାଗିଛି । ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି। ଏବେ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଛି। ଦେଓଗାଁ ଓ କଛାରପାଲିରେ ପାଇପ ଯୋଗେ ଦୂଷିତ ପାନୀୟ ଜଳ ଯୋଗାଣକୁ ନେଇ ଚିନ୍ତାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଜଳଯୋଗାଣ ପାଇପଗୁଡିକ ଦେଓଗାଁର ଡ୍ରେନକୁ ଲାଗି ରହିଛି । ଅନେକ ସମୟରେ ପାଇପ ଫାଟି ଡ୍ରେନର କାଦୁଅ ପାଣି ମିଶି ଯାଉଥିବା ନଜରକୁ ଆସୁଛି। ଆଗକୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ନ ଦେଲେ ଗାଁରେ ଅନେକ ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଯଥାଶୀଘ୍ର ଏହି ପୁରାତନ ପ୍ରକଳ୍ପର ମରାମତି କରିବା ସହ କେମିତି ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଲୋକେ ପାଇପାରିବେ ସେ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦେଓଗାଁବାସୀ ଦାବି କରିଛନ୍ତି।



ସୋନଗଡ ନଦୀରୁ ଦେଓଗାଁ ଅଞ୍ଚଳକୁ ଯୋଗାଣ ହେଉଥିବା ଗୋଳିଆ ପାଣି।

# ଭାଜପାର କାର୍ଯ୍ୟକର୍ତ୍ତା ବୈଠକ

ଖପ୍ରାଖୋଲ,୧୭।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ମଙ୍ଗଳବାର ପଞ୍ଚାୟତ ପ୍ରମୁଖ ପଙ୍କଜ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ପ୍ରଧାନ, ରବି ସାହୁ ଯୋଗ ଦେଇଥିଲେ। ବୈଠକରେ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ସରିଲା ଉଲ୍ଲାସ ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା

## ଲୋଇସିଂହା ବ୍ଲକ

ଲୋଇସିଂହା୧୭।୩(ସୁଶାନ୍ତ ବାରିକ)

କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ 'ଉଲ୍ଲାସ' ଯୋଜନା ଅନୁସାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା ଲୋଇସିଂହା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି।

ବ୍ଲକର ୧୦ଟି କ୍ଲଷ୍ଟର ଅଧୀନ ମୋଟ ୯୪ଟି ପରୀକ୍ଷା କେନ୍ଦ୍ରରେ ୪୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ମେହେରଙ୍କ ନେତୃତ୍ୱରେ ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ବସନ୍ତ ଭୋଇ, ବ୍ୟାସଦେବ ରାୟଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ପରୀକ୍ଷା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତିମାନଙ୍କୁ ସର୍ଭେ ମାଧ୍ୟମରେ ଚିହ୍ନଟ କରାଯାଇ ସେମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଶିକ୍ଷକ ଓ ଶିକ୍ଷାସେବୀଙ୍କ ଦ୍ୱାରା ନିୟମିତ ଶିକ୍ଷାଦାନ ମଧ୍ୟ କରାଯାଇଥିଲା। ମୌଳିକ ପଢ଼ା, ଲେଖା ଓ ଗଣନା କୌଶଳର ମୂଲ୍ୟାଙ୍କନ ପାଇଁ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ଅବସରରେ ୧୦ ଜଣ ସିଆରସିସି ନିଜ ନିଜ କ୍ଲଷ୍ଟରର ପରୀକ୍ଷା କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ।

# ଡାହାଣୀ ସନ୍ଦେହ କରି ନିର୍ଯାତନା ଉପରେ ଜିଲାସ୍ତରୀୟ କର୍ମଶାଳା

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଡାହାଣୀ ସନ୍ଦେହଜନିତ ନିର୍ଯାତନା ଉପରେ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ ସଭାପତିତ୍ୱ କରିଥିଲେ। ପ୍ରଶିକ୍ଷକ ଭାବେ ଯୁବୋଦୟ ମହାବିଦ୍ୟାଳୟର ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ସଂଯୋଜକ ଶିବାନୀ ଠାକୁର ମଞ୍ଚସୀନ ଥିଲେ। ବିଭିନ୍ନ ବ୍ଲକରୁ ଆଶା, ଏଏନଏମ, ଅଙ୍ଗନବାଡ଼ି କର୍ମୀ, କିଶୋରୀ, କଲେଜ ଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦାନ କରିଥିଲେ। ସଭାପତି ଶତପଥୀ ମହିଳାମାନଙ୍କୁ ଶିକ୍ଷା ଆହରଣ କରି ସଶକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଡାହାଣୀ ସନ୍ଦେହ ଭଳି କୁପ୍ରଥା ବିଷୟରେ ସମାଜର ସମସ୍ତେ ସଚେତନ ହେବା ଆବଶ୍ୟକ, ବିଶେଷକରି ମହିଳାମାନେ। ପ୍ରଶିକ୍ଷକ କୁଅଁର ସମାଜରେ ଡାହାଣୀ ସନ୍ଦେହ ଜନିତ କୁପ୍ରଥା ଓ ଏହାକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ସୁଜାତା ଦୋରା ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଯୁବତୀଙ୍କୁ ଅପହରଣ ଅଭିଯୋଗ

## ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା

ଟିଟିଲାଗଡ଼,୧୭।୩ (ଶରତ ମିଶ୍ର)

ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା ସ୍ଥାପନକରି ଜଣେ ଯୁବତୀ ଅନ୍ୟ ଜଣେ ଛାତ୍ରୀଙ୍କୁ ଅପହରଣକରି ନେଇଥିବାର ଅଭିଯୋଗ ହୋଇଛି । ଅପହୃତା ଯୁବତୀ ଜଣଙ୍କ ଘର ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ୍ ସିନ୍ଧେକେଲା ଥାନା ଅଞ୍ଚଳରେ ବୋଲି ଜଣାଯାଇଛି । ପ୍ରକାଶ ଯେ, ଟିଟିଲାଗଡ଼ ବ୍ଲକ୍ ଅଞ୍ଚଳର ଜଣେ ୨୦ ବର୍ଷୀୟା ଛାତ୍ରୀଙ୍କ ସହ ଜଣେ ଯୁବତୀ ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା ସ୍ଥାପନ କରିଥିଲେ। ଛାତ୍ରୀଙ୍କ ପରିବାର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟରେ କାମ କରୁଥିବାରୁ ଏହାର ସୁଯୋଗ ନେଇ ସମ୍ପର୍କ ରଖିଥିବା ଯୁବତୀ ଗତ ୧୦ ଦିନ ତଳେ ତାଙ୍କ ଘରକୁ ଆସି କିଛିଦିନ ରହିଥିଲେ । ନିଜକୁ ସେ ଗଜପତି ଅଞ୍ଚଳର ବୋଲି କହିଥିଲେ। ସେହି ଯୁବତୀ ଟିଟିଲାଗଡ଼ରେ ରହୁଥିବା ଛାତ୍ରୀଙ୍କ ଘର ଛାଡ଼ି ଚାଲିଯିବାର ୨ଦିନ ପରେ ଗତ ୧୫ ତାରିଖରେ ଛାତ୍ରୀ ଜଣକ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ଖୋଜାଖୋଜି ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ସିନ୍ଧେକେଲା ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୋଲିସ ତଦନ୍ତ ପ୍ରକ୍ରିୟା ଜୋର୍‌ଦାର ନ କରିବାରୁ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀଙ୍କ ଦ୍ୱାରସ୍ଥ ହୋଇ ସହାୟତା ଲୋଡ଼ିଛନ୍ତି। ପରିବାର ଲୋକେ ସମ୍ପୃକ୍ତ ଯୁବତୀ ତାଙ୍କ ଝିଅକୁ ଭୁଲାଇ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି । ଏନେଇ ଏସ୍‌ଡିପିଓ ପ୍ରଧାନୀ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଉଭୟଙ୍କ ମୋବାଇଲ ଟ୍ରାକିଂ କରାଯାଇଥିବା ଗଣମାଧ୍ୟମକୁ କହିଛନ୍ତି ।

# କାର୍ଯ୍ୟାଳୟରେ ତହସିଲ ମୁଖ୍ୟ କିରାଣି ଅସୁସ୍ଥ

## ଅଂଶୁଘାତରେ ଆକ୍ରାନ୍ତକୁ ଖଣ୍ଡନ

ଲୋଇସିଂହା,୧୭।୩(ସୁଶାନ୍ତ ବାରିକ)

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇ ଲୋକେ ଅସୁସ୍ଥ ହେବା ଖବର ମିଳୁଛି। ବଲାଙ୍ଗୀର ଜିଲା ଲୋଇସିଂହା ତହସିଲର ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ମିଶ୍ର ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ସଙ୍ଗେ ସଙ୍ଗେ ସହକର୍ମୀମାନେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଖବର ପାଇ ତହସିଲଦାର ଟିଙ୍କୁନୁ ପୁଟା ଓ ବିଡ଼ିଓ ଅକ୍ଷୟପାଣି ଉଦ୍ଧୁ ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କାର୍ଯ୍ୟାଳୟରେ ଏସ୍‌ସି ବ୍ୟବସ୍ଥା ନ ଥିବାରୁ ଖରା ଦିନରେ କର୍ମଚାରୀମାନେ ଖରାଦିନରେ ଦହଗଞ୍ଜ ହେଉଥିବା କହିଛନ୍ତି। ଏଭଳି ପରିସ୍ଥିତିରେ ସ୍କୁଲ, କଲେଜଗୁଡ଼ିକ ସକାଳୁଆ ନ କରି ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ା. ଶେଖରଲାଲ ପଧାନ ସମ୍ପୃକ୍ତ କର୍ମଚାରୀ ଜଣକ ଅଂଶୁଘାତରେ ଆକ୍ରାନ୍ତକୁ ଖଣ୍ଡନ କରିଛନ୍ତି। ରକ୍ତଚାପ ବଢ଼ି ଯାଇଥିବାରୁ ଅସୁସ୍ଥ ଅନୁଭବ କରିଥିବା କହିଛନ୍ତି। ଅପରପକ୍ଷରେ ତାପମାତ୍ରା ବୃଦ୍ଧିକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ, କଲେଜ ସକାଳୁଆ କରିବାକୁ ଅଭିବାବକ ମହଲରେ ଦାବି ହେଉଛି।

# କିଶୋରୀ ବାଳିକା ମେଳା


ମେଳାରେ ଅତିଥିଙ୍କ ଗହଣରେ କୃତୀ ବାଳିକାମାନେ।

ଲାଠୋର,୧୭।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ମସିଣା ଗ୍ରାମରେ ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ରାସେଶ୍ୱରୀ ବେଣ୍ଡକାରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ କିଶୋରୀ ବାଳିକା ମେଳା ଏବଂ ଗ୍ରାମସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ସିଡ଼ିପିଓ ଅମିତାରାଣୀ ପଣ୍ଡା ଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ବିଚାରକ ଭାବରେ ମସିଣା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚୁ କୁମ୍ଭାର, ସହକାରୀ ଶିକ୍ଷକ ଯଶୋବନ୍ତ ତାଣ୍ଡି, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଯୋଗ ଦେଇଥିଲେ। ମେଳା ଅବସରରେ ପ୍ରଥମେ ମହିଳାମାନଙ୍କୁ ନେଇ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କିଶୋରୀ ବାଳିକାମାନେ କିପରି କୁପୋଷଣର ଶିକାର ନହେବେ ସେଥି ସକାଶେ ସୁଷମ ଖାଦ୍ୟର ପ୍ରଦର୍ଶନ କରାଯିବା ସହ ସେମାନଙ୍କ ହିମୋଗ୍ଲୋବିନ ଟେଷ୍ଟ ,ଓଜନ ଏବଂ ଉଚ୍ଚତା ମାପ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ ଲତା ଭୁଏ ସମସ୍ତ ପ୍ରକାର ଟେଷ୍ଟ କରିଥିଲେ। ପରେ ବାଳିକାମାନଙ୍କ ମଧ୍ୟରେ ପୁଚି ଖେଳ, ନୃତ୍ୟ, ମ୍ୟୁଜିକ ଚେୟାର, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ଦଳଗତ ନୃତ୍ୟରେ ସାନଗୁର୍ଜିଭଟା ଗ୍ରାମର ଚନ୍ଦ୍ରମା ବାଗ ଦଳ ପ୍ରଥମ ହୋଇଥିଲେ। ଜ୍ୟୋତ୍ସ୍ନା ନାଗ ଦଳ ଦ୍ୱିତୀୟ ଏବଂ ମସିଣା ଗ୍ରାମର ନମିତା ବାରିକ ଦଳ ତୃତୀୟ ବିବେଚିତ ହୋଇଥିଲେ। ମ୍ୟୁଜିକ ଚେୟାରରେ ଚନ୍ଦ୍ରମା ବାଗ ପ୍ରଥମ, ଦ୍ୱିତୀୟ ଚୁଲକାନ୍ତି ସରାଫ ଏବଂ ଶାନ୍ତି ଧରୁଆ ତୃତୀୟ ହୋଇଥିଲେ। ପୁଚି ଖେଳରେ ଚୁଲକାନ୍ତି ସରାଫ ପ୍ରଥମ, ଜ୍ୟୋତ୍ସ୍ନା ନାଗ ଦ୍ୱିତୀୟ, ଶାନ୍ତି ଧରୁଆ ତୃତୀୟ ହୋଇଥିଲେ। କୃତୀ ବାଳିକାମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରି, ଚୁଲେଶ୍ୱରୀ ଶବର, ହେମବତୀ ସୁନା, କିଶୋରୀ ଭୋଇ, ରାଜକୁମାରୀ କଲେତ ଏବଂ ପ୍ରେମଶିଳା ଛତ୍ରିଆ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୌଦ୍ଧରୁ ବିହାର ଗଞ୍ଜେଇ କରିଡର

## ଟ୍ରେନ୍‌ରେ ହେଉଛି ଗଞ୍ଜେଇ ଚୋରାଚାଲାଣ, ୨ ଗିରଫ

ବଲାଙ୍ଗୀର,୧୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରେଳ ଷ୍ଟେଶନ ଅଞ୍ଚଳରେ ସ୍ଥାନୀୟ ଟାଉନ ଥାନା ପୋଲିସ ସୋମବାର ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ଅତର୍କିତ ଚଢ଼ାଉ କରି ପ୍ରାୟ ୨୬ କେଜି ଗଞ୍ଜେଇ ଜବତ କରିଥିଲା। ଏହି ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଇଷ୍ଟ ଚମ୍ପାରଣ ଜିଲାର ସୁଗାଉଲି ଥାନା ଅନ୍ତର୍ଗତ ସୁଗାଉଁ ଗାଁର ମିଲ୍‌କି ମିଶ୍ର (୨୧) ଏବଂ ଛୋଟାବୁଦ୍ଧ ଗାଁର ଆକାଶ କୁମାର (୨୬)। ଏହି ଦୁଇ ଅଭିଯୁକ୍ତ ବଲାଙ୍ଗୀର ମାଲପଡା- ରେଲୱେ ଷ୍ଟେଶନ ରୋଡ ଛକରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ପୋଲିସକୁ ଠୋସ୍ ସୂଚନା ମିଳିଥିଲା। ଏହି ଖବର ପାଇବା ପରେ ପାଟ୍ରୋଲିଂ କରୁଥିବା ଟାଉନ ଥାନା ଇନ୍‌ସ୍ପେକ୍ଟର ଏସ୍ ଏଫ୍ ଏକ୍କା, ସବ୍‌ଇନ୍‌ସ୍ପେକ୍ଟର ଦେବାଶିଷ ଶତପଥୀ, ଏଏସଆଇ ବି ଦେହୁରୀ ଓ ବି ଡି ଭୋଇ ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ କାବୁ କରି ନେଇଥିଲେ । ଏଥିସହ ସେମାନଙ୍କ ଠାରୁ ୨୬ କେଜି ଗଞ୍ଜେଇ, ଦୁଇଟି ମୋବାଇଲ ଫୋନ୍, ଆଧାର କାର୍ଡ ଏବଂ ପରିଚୟ ପତ୍ର ଜବତ କରିଥିଲେ। ଏ ସଂକ୍ରାନ୍ତରେ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା (୧୪୪/୨୬) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ବେଳେ ସେମାନେ ବୌଦ୍ଧ ଜିଲାର କଣ୍ଟାମାଳ ଅଞ୍ଚଳରୁ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ନେଇ ବିହାର ଚାଲାଣ କରୁଥିବା ଜଣାପଡିଥିଲା। ମଙ୍ଗଳବାର ସ୍ଥାନୀୟ ଟାଉନ ଥାନା ପରିସରରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଖବରଦାତା ସମ୍ମିଳନୀ କରି ଗଞ୍ଜେଇ ଜବତ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏସ୍‌ଡିପିଓ ଉପାଧ୍ୟାୟ ଗିରଫ ଦୁଇ ଅଭିଯୁକ୍ତ କଣ୍ଟାମାଳ ଅଞ୍ଚଳର କେଉଁ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ନେଇ କରି ଯାଉଥିଲେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତି ଜଣକ କଣ୍ଟାମାଳ ଅଞ୍ଚଳରୁ ବଲାଙ୍ଗୀର ରେଲୱେ ଷ୍ଟେଶନକୁ ଗଞ୍ଜେଇ ନେଇ କରି ଆସିବା ପରେ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରି ଫେରିଯାଇଥିଲେ। ସେଠାରୁ ସେମାନେ ଟ୍ରେନ୍‌ରେ ଗଞ୍ଜେଇ ପ୍ୟାକେଟ୍ ନେଇ କରି ବିହାର ଯିବାର ଥିଲା। ଏହି ସମୟରେ ଖବର ପାଇ ଟାଉନ ଥାନା ପୋଲିସ ଟିମ୍ ସେମାନଙ୍କୁ କାବୁ କରିନେଇଥିଲା। ବୌଦ୍ଧ ଜିଲାରୁ ବିହାରକୁ ବଲାଙ୍ଗୀର ଜିଲା ଦେଇ ନିୟମିତ ଗଞ୍ଜେଇ ଚାଲାଣ ହେଉଛି। ଟ୍ରେନ ଏବେ ଗଞ୍ଜେଇ ଚୋରାଚାଲାଣର ମାଧ୍ୟମ ପାଲଟିଛି। ବୌଦ୍ଧରୁ ବିହାର ପର୍ଯ୍ୟନ୍ତ ଗଞ୍ଜେଇ ମାଫିଆମାନେ ଏକ ସୁରକ୍ଷିତ କରିଡର ତିଆରି କରିଛନ୍ତି ଏବଂ ଟ୍ରେନରେ ସହଜରେ ଗଞ୍ଜେଇ ଚାଲାଣ ହେଉଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ଡିପିଓଙ୍କୁ ପ୍ରଶ୍ନ କରିବାରେ ସେ କହିଥିଲେ, ଏବେ ଏହି ମାମଲାର ତଦନ୍ତ ଚାଲୁ ରହିଛି। ବୌଦ୍ଧ ଜିଲାର ଯେଉଁ ଗଞ୍ଜେଇ ଚାଲାଣକାରୀଙ୍କ ସମ୍ପର୍କରେ ଗିରଫ ଦୁଇ ଅଭିଯୁକ୍ତ ସୂଚନା ଦେଇଛନ୍ତି ତଦନ୍ତ ବ୍ୟାହତ ହେବା ଦୃଷ୍ଟିରୁ ତାଙ୍କ ନାମ ପ୍ରକାଶ କରାଯାଇନାହିଁ। ଖୁବଶୀଘ୍ର ପୋଲିସ ଏହି ଗଞ୍ଜେଇ ଚୋରାଚାଲାଣ ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ପର୍ଦ୍ଦାଫାଶ କରିବ ବୋଲି ସେ କହିଥିଲେ।


ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ।



# ସୋନପୁର କଲେଜକୁ ସରକାରୀ ମାନ୍ୟତା ଦିଅ

ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ପୁରାତନ ଛାତ୍ର ସଂଘ ପକ୍ଷରୁ ଦୁଇଘଣ୍ଟିଆ ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଡ଼ ନୃପରାଜ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ପୁରାତନ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି, ୧୯୬୪ମସିହାରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନକୁ ବ୍ୟାପକ ଅବହେଳା କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ ଆଲୁମ୍ନି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ବିଭିନ୍ନ ଉପାୟରେ ଦାବି କରାଯାଇଛି। ସଂଘର ପ୍ରତିନିଧି ମୁଖ୍ୟମନ୍ତ୍ରୀ ମାଝୀଙ୍କ ସୋନପୁର ଗସ୍ତ ସମୟରେ ସାକ୍ଷାତ ଆଲୋଚନା ହୋଇଛି। ସଂଘ ପକ୍ଷରୁ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କ ନେତୃତ୍ୱରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ କଲେଜରେ ପିଜି ପାଠ୍ୟକ୍ରମ ଆରମ୍ଭ, ଅଡିଟୋରିୟମ ନିର୍ମାଣ, ହଷ୍ଟେଲ ନିର୍ମାଣ ସହ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବିପତ୍ର ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସଚିବାଳୟଠାରେ ପ୍ରଦାନ କରାଯାଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀ କଲେଜର ଭିତ୍ତିଭୂମିର ବିକାଶ ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ସହ ଛାତ୍ରୀଛାତ୍ର ହଷ୍ଟେଲ ଏବଂ ଅଡିଟୋରିୟମ ନିର୍ମାଣ ପାଇଁ ସହମତି ପ୍ରଦାନ କରିଥିଲେ। ସରକାରୀ ମାନ୍ୟତା ପାଇଁ ଯୋଗ୍ୟତାଭିତ୍ତିରେ ସରକାର ସହୃଦୟତାର ସହ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘ ପକ୍ଷରୁ ଡିସେମ୍ବର ମାସରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ତେବେ ନୂତନଭାବେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ ସାରିଥିବା ବେଳେ ପୁରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। କଲେଜକୁ ସରକାରୀ ମାନ୍ୟତା ପାଇଁ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବା ପାଇଁ ଛାତ୍ର ନେତାମାନେ ମତପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ଉପସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ, ସହସମ୍ପାଦକ ସରୋଜ ପ୍ରଧାନ, ବିଶ୍ୱବୀର ମିଶ୍ର, ବିଶ୍ୱରଞ୍ଜନ ପୂଜାହାରୀ, ସୁଧିର ପଣ୍ଡା, ସୁଦାମ ମିଶ୍ର, ସିତାଂଶୁ ମିଶ୍ର, ପର୍ଶୁରାମ ମିଶ୍ର, ସନ୍ତୋଷ ପାଢ଼ୀ, କଲ୍ୟାଣ ପାଢ଼ୀ, ଘନଶ୍ୟାମ ପାଣିଗ୍ରାହୀ, ଶ୍ରୀଧର ବାଗ, ଶ୍ୟାମାଓଁ ପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ବିନୋଦ ପାତ୍ର, ଗଦାଧର ବାରିକ, ମାଧବ କୁମ୍ଭାର, ଦିଲିପ ରଥ, ମଦନ ଗୋପାଳ ମିଶ୍ର, ଧର୍ମେନ୍ଦ୍ର ଥନାପତି, ଶାଶ୍ୱତ ମିଶ୍ର, ରାଜ କିଶୋର ତ୍ରିପାଠୀ, ଦେବାଶିଷ ପଟ୍ଟନାୟକ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ସଚେତନ ନାଗରିକ ମଞ୍ଚ ସଭାପତି ସୀତାଂଶୁ ମିଶ୍ର, ଶ୍ରମିକ ସଙ୍ଗଠନର ଗୋବିନ୍ଦ ମହାରଣା, ମନୋରଞ୍ଜନ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଜିଲା କୃଷକ ସଂଘ ସଭାପତି ବୈକୁଣ୍ଠ ଶତପଥୀ, ସମ୍ପାଦକ ପଦ୍ମ ଲୋଚନ ମିଶ୍ର, ବାପୁଜୀ କ୍ଲବର ଜିତେନ୍ଦ୍ର ପଟ୍ଟନାୟକ, ଠିକାଦାର ସଂଘର ରାମକୃଷ୍ଣ ଦାସ, ଟ୍ରାକ୍ଟର ସଂଘର ଶିବ ନାରାୟଣ ବହିଦାର, ବୁଢୀମା କ୍ଲବର ସହଦେବ ପାତ୍ର, ଜିଲା ସାମ୍ବାଦିକ ସଂଘର ଗୋରେଖ ନାଥ ସାହୁ, ବୁଢ଼ାରଜା ଯୁବ ସମାଜସେବୀ ସଂଘର ତାପସ ବେଉରା, ଗୋପଲଜୀ ଯୋଗାଳୟ ରାଧା କିଷନ ଅଗ୍ରୱାଲ, ପର୍ଏଁରୀ ଅନୁଷ୍ଠାନର ଗୌରୀଶଙ୍କର ରଥ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।



ପୁରାତନ ଛାତ୍ର ସଂଘର ଗଣଧାରଣା

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣାରେ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

# ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

## ନାବାଳିକାଙ୍କୁ ଅସଦାଚରଣ ମାମଲା

ବୌଦ୍ଧ, ୧୭।୩(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଖିଳ କୁମାର ପଶ୍ଚିମକବାଟ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ପିଣ୍ଟୁ ଓରଫ ଗଣେଶ ପ୍ରଧାନଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ତା ୮।୩।୨୦୨୫ରିଖରେ ବୌଦ୍ଧ ଥାନା ଗୁଡପଡା ଗ୍ରାମର ୧୫ ବର୍ଷର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ପୀଡ଼ିତାଙ୍କ ମା’ ବାପା ଘରକୁ ଫେରିବା ପରେ ସେ ତାଙ୍କୁ ସବୁକଥା କହିଥିଲେ। ଏ ନେଇ ଗତ ତା ୧୨।୩।୨୦୨୫ରିଖରେ ନାବାଳିକାଙ୍କ ବାପା ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୪୩/୨୫) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପିଣ୍ଟୁ ଓରଫ ଗଣେଶ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ୍ (ନଂ.୩/୨୫( ପୋକ୍ସୋ) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ପ୍ରମାଣ ଥିବା ନେଇ ଅଭିଯୁକ୍ତ ଗଣେଶଙ୍କୁ ଉକ୍ତ ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ଅଦାଲତ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୂରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଭାଗବତ ପାରାୟଣ ଉଦ୍‌ଯାପିତ

ବୀରମହାରାଜପୁର, ୧୭।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ଧାରକୁମୁଣ୍ଡା ଭାଗବତ ସପ୍ତାହ ପାରାୟଣ ମଙ୍ଗଳବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଛି। ୧୧ତାରିଖରୁ ଆରମ୍ଭ ହୋଇଥିବା ପାରାୟଣରେ କର୍ତ୍ତାଭାବେ ପ୍ରଶାନ୍ତ କୁମାର ରଥ ଓ ତାଙ୍କ ଧର୍ମପତ୍ନୀ ନମିତା ରଥ କାର୍ଯ୍ୟ ନିର୍ବାହ କରିଥିଲେ। ବ୍ୟାସ ଭାବେ ଲିପକ କୁମାର ମିଶ୍ର ପୁରାଣ ପାଠ କରିଥିଲେ। ଉଦ୍‌ଯାପନୀ ସମାରୋହରେ ପୁରୀ ରାମଜୀ ମଠର ମଠାଧୀଶ ବଂଶୀଧର ମହାରାଜ ଯୋଗଦାନ କରିଥିଲେ। ପାରାୟଣରେ ପ୍ରମୋଦ ରଥ, ସୁଷମା ରଥ, ଅଭିଜିତ ରଥ, ରିତୁସ୍ମିତା ରଥ ପ୍ରମୁଖ ସହଯୋଗ କରିଥିଲେ।

### ଭାଜପାର କାର୍ଯ୍ୟକର୍ତ୍ତା ବୈଠକ

ଖପ୍ରାଖୋଲ, ୧୭।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ମଙ୍ଗଳବାର ପଞ୍ଚାୟତ ପ୍ରମୁଖ ପଙ୍କଜ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ପ୍ରଧାନ, ରବି ସାହୁ ଯୋଗ ଦେଇଥିଲେ। ବୈଠକରେ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### କାର୍ଯ୍ୟାଳୟରେ ତହସିଲ ମୁଖ୍ୟ କିରାଣି ଅସୁସ୍ଥ

ଲୋଇସିଂହା, ୧୭।୩(ସୁଶାନ୍ତ ବାରିକ)

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଗରମ ଓ ଗୁଳଗୁଳିରେ ଅତିଷ୍ଠ ହୋଇ ଲୋକେ ଅସୁସ୍ଥ ହେବା ଖବର ମିଳୁଛି। ବଲାଙ୍ଗୀର ଜିଲା ଲୋଇସିଂହା ତହସିଲର ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ମିଶ୍ର ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ସଙ୍ଗେ ସଙ୍ଗେ ସହକର୍ମୀମାନେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଖବର ପାଇ ତହସିଲଦାର ଟିଙ୍କୁନୁ ପୁଟା ଓ ବିଡ଼ିଓ ଅକ୍ଷୟପାଣି ଉଦ୍ଧୁ ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କାର୍ଯ୍ୟାଳୟରେ ଏସ୍‌ସି ବ୍ୟବସ୍ଥା ନ ଥିବାରୁ ଖରା ଦିନରେ କର୍ମଚାରୀମାନେ ଖରାଦିନରେ ଦହଗଞ୍ଜ ହେଉଥିବା କହିଛନ୍ତି। ଏଭଳି ପରିସ୍ଥିତିରେ ସ୍କୁଲ, କଲେଜଗୁଡ଼ିକ ସକାଳୁଆ ନ କରି ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ା. ଶେଖରଲାଲ ପଧାନ ସମ୍ପୃକ୍ତ କର୍ମଚାରୀ ଜଣକ ଅଂଶୁଘାତରେ ଆକ୍ରାନ୍ତକୁ ଖଣ୍ଡନ କରିଛନ୍ତି। ରକ୍ତଚାପ ବଢ଼ି ଯାଇଥିବାରୁ ଅସୁସ୍ଥ ଅନୁଭବ କରିଥିବା କହିଛନ୍ତି। ଅପରପକ୍ଷରେ ତାପମାତ୍ରା ବୃଦ୍ଧିକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ, କଲେଜ ସକାଳୁଆ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

# ସୋନପୁର କଲେଜ ବାଦ୍ ପଡ଼ିଲା

## ମଡେଲ ଡିଗ୍ରୀ କଲେଜ, ବୀରମହାରାଜପୁର କଲେଜ ନୂଆ ଇଏମ୍‌ଏଚ୍

ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଯୁକ୍ତ ୩ କଲେଜରେ ପରୀକ୍ଷାର ସୁପରିଚାଳନା ପାଇଁ ନୂତନ ପରୀକ୍ଷା ପରିଚାଳନା ହବ୍(ଇଏମ୍‌ଏଚ୍) ଗଠନ କରାଯାଇଛି। ଏହିକ୍ରମରେ ସୋନପୁର ମଡେଲ ଡିଗ୍ରୀ କଲେଜ ଓ ବୀରମହାରାଜପୁର ଡିଗ୍ରୀ କଲେଜକୁ ନୂତନ ଇଏମ୍‌ଏଚ୍ କରାଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ମଙ୍ଗଳବାର ପ୍ରକାଶ କରିଥିବା ବିଜ୍ଞପ୍ତି ଅନୁଯାୟୀ ସୋନପୁର ମଡେଲ ଡିଗ୍ରୀ କଲେଜ ପରୀକ୍ଷା ପରିଚାଳନା ହବ୍ ଅଧିନରେ ସୋନପୁର ମଡେଲ ଡିଗ୍ରୀ କଲେଜ, ସୋନପୁର ଡିଗ୍ରୀ କଲେଜ, ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ, ସିଣ୍ଢୋଲ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ଯାଲୋଏ ଡିଗ୍ରୀ କଲେଜ ପରୀକ୍ଷା କେନ୍ଦ୍ରକୁ ଟ୍ୟାଗ୍ କରାଯାଇଛି। ସେହିପରି ବୀରମହାରାଜପୁର ଡିଗ୍ରୀ କଲେଜ ଇଏମ୍‌ଏଚ୍ ଅଧିନରେ ବୀରମହାରାଜପୁର ଡିଗ୍ରୀ କଲେଜ, ଉଲୁଣ୍ଡା ମା ମେଟାକାନୀ ମହିଳା ଡିଗ୍ରୀ କଲେଜ, ଉଲୁଣ୍ଡା ଡ. ରମେଶ ପ୍ରସାଦ ଡିଗ୍ରୀ କଲେଜ ଓ ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରୀକ୍ଷା କେନ୍ଦ୍ରକୁ ଟ୍ୟାଗ୍ କରାଯାଇଛି। ଦୀର୍ଘ ବର୍ଷ ଧରି ସୋନପୁର କଲେଜ ଇଏମ୍‌ଏଚ୍ ଭାବେ କାର୍ଯ୍ୟ କରୁଥିଲା। ତେବେ କଲେଜରେ କର୍ମଚାରୀ ଅଭାବ ଦର୍ଶାଇ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ପରିଚାଳନା ହବ୍‌କୁ ପ୍ରତ୍ୟାହାର କରାଯାଇଛି। ଜିଲାର ଏହି ପୁରାତନ ଉଚ୍ଚଶିକ୍ଷାନୁଷ୍ଠାନରେ ଅନ୍ୟମାନଙ୍କ ତୁଳନାରେ ଏବେ ବି ଅଧିକ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ଅଛନ୍ତି। ତେବେ କର୍ମଚାରୀ କମ୍ ଆଳରେ ଇଏମ୍‌ଏଚ୍ ପ୍ରତ୍ୟାହାର କରିବା ଘଟଣାକୁ କଲେଜର ପୁରତନ ଛାତ୍ର ନାପସନ୍ଦ କରିଛନ୍ତି।



ସୋନପୁର କଲେଜ।

# ଯୁବତୀଙ୍କୁ ଅପହରଣ ଅଭିଯୋଗ

## ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା

ଟିଟିଲାଗଡ଼, ୧୭।୩ (ଶରତ ମିଶ୍ର)

ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା ସ୍ଥାପନକରି ଜଣେ ଯୁବତୀ ଅନ୍ୟ ଜଣେ ଛାତ୍ରୀଙ୍କୁ ଅପହରଣକରି ନେଇଥିବାର ଅଭିଯୋଗ ହୋଇଛି। ଅପହୃତା ଯୁବତୀ ଜଣଙ୍କ ଘର ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ୍ ସିନ୍ଧେକେଲା ଥାନା ଅଞ୍ଚଳରେ ବୋଲି ଜଣାଯାଇଛି। ପ୍ରକାଶ ଯେ, ଟିଟିଲାଗଡ଼ ବ୍ଲକ୍ ଅଞ୍ଚଳର ଜଣେ ୨୦ ବର୍ଷୀୟା ଛାତ୍ରୀଙ୍କ ସହ ଜଣେ ଯୁବତୀ ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁତା ସ୍ଥାପନ କରିଥିଲେ। ଛାତ୍ରୀଙ୍କ ପରିବାର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟରେ କାମ କରୁଥିବାରୁ ଏହାର ସୁଯୋଗ ନେଇ ସମ୍ପର୍କ ରଖିଥିବା ଯୁବତୀ ଗତ ୧୦ ଦିନ ତଳେ ତାଙ୍କ ଘରକୁ ଆସି କିଛିଦିନ ରହିଥିଲେ। ନିଜକୁ ସେ ଗଜପତି ଅଞ୍ଚଳର ବୋଲି କହିଥିଲେ। ସେହି ଯୁବତୀ ଟିଟିଲାଗଡ଼ରେ ରହୁଥିବା ଛାତ୍ରୀଙ୍କ ଘର ଛାଡ଼ି ଚାଲିଯିବାର ୨ଦିନ ପରେ ଗତ ୧୫ ତାରିଖରେ ଛାତ୍ରୀ ଜଣକ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ଖୋଜାଖୋଜି ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ସିନ୍ଧେକେଲା ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୋଲିସ ତଦନ୍ତ ପ୍ରକ୍ରିୟା ଜୋର୍‌ଦାର ନ କରିବାରୁ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀଙ୍କ ଦ୍ୱାରସ୍ଥ ହୋଇ ସହାୟତା ଲୋଡ଼ିଛନ୍ତି। ପରିବାର ଲୋକେ ସମ୍ପୃକ୍ତ ଯୁବତୀ ତାଙ୍କ ଝିଅକୁ ଭୁଲାଇ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ଡିପିଓ ପ୍ରଧାନୀ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଉଭୟଙ୍କ ମୋବାଇଲ ଟ୍ରାକିଂ କରାଯାଇଥିବା ଗଣମାଧମକୁ କହିଛନ୍ତି।

# ପୂର୍ଣ୍ଣାହୁତି ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ



ଦରବାରରେ ଉପସ୍ଥିତ ଅତିଥି।

## ଜଳନ୍ଧର ଦରବାର ଉଦ୍‌ଯାପିତ

ବୀରମହାରାଜପୁର, ୧୭।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲିଠାରେ ନବନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ସେହିପରି ଏହି ଅବସରରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ଓ ନବାହ ପାରାୟଣ ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ସୋମବାର ବିଗ୍ରହ ମନ୍ଦିର ପ୍ରବେଶ ହୋଇଥିଲେ। ସେହିପରି ସୋମବାର ରାତିରେ ଜଳନ୍ଧର ଦରବାରର ଅନ୍ତିମ ରଜନୀ ଥିଲା। ବୃନ୍ଦାବତୀଙ୍କ ସତିତ୍ୱ ହରଣ ଓ ଶେଷରେ ଶିବଙ୍କ ହସ୍ତରେ ଜଳନ୍ଧରଙ୍କ ବଧ ଆଦି ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୀଳା ନାଟକ ପରିବେଶିତ ହୋଇଥିଲା। ଜଳନ୍ଧର ଭୂମିକାରେ ଭୁବନେଶର ପ୍ରଧାନଙ୍କ ନିଖୁଣ ଅଭିନୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ରାଜ ଅତିଥିଭାବେ ବୀରମହାରାଜପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଯୁବ ସମାଜସେବୀ କୃତ୍ତିବାସ ମିଶ୍ର, ଯୁବ କୃଷକ ନେତା ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ଶିକ୍ଷକ ଭାବଗ୍ରାହୀ ମେହେର, ବିଶିଷ୍ଟ ମଞ୍ଚ ଅଭିନେତା ତଥା ପ୍ରବଚକ ଅଇଁଠୁ ସାହୁ, ସମାଜସେବୀ ଶୁଭେନ୍ଦୁ ଚାନ୍ଦ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିଲେ। ସମାଜସେବୀ ମୀନକେତନ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

ଗାୟକ ମନୋରଞ୍ଜନ ମିଶ୍ର ପୁରାଣ ପାଠ କରିଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ଚକ୍ରଧର ଚାନ୍ଦଙ୍କ ସହିତ ରାଜୀବ ପ୍ରସାଦ ପାଢ଼ୀ, ଗୌରୀକାନ୍ତ ମିଶ୍ର, ଗୌତମ ପଣ୍ଡା, ଜଗନ୍ନାଥ ଦାସ ଓ ପ୍ରଭଞ୍ଜନ ରଥ କାର୍ଯ୍ୟ ତୁଲାଉଥିଲେ। ଟିଠିପାଲି ମଠ ମହନ୍ତ ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ମୁଖ୍ୟକର୍ତ୍ତା ଭୀଷ୍ମଦେବ ଅମାତ ଓ ପ୍ରେମଶିଳା ଅମାତ, ନବାହ କର୍ତ୍ତା ଭାବେ ସୁରୁବାବୁ ପଧାନ ସପତ୍ନୀକ କାର୍ଯ୍ୟନିର୍ବାହ କରୁଛନ୍ତି। କମିଟି ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ କୁମାର ଅମାତ, ବରିଷ୍ଠ ସଦସ୍ୟ ଦୌଲତ ଅମାତ, କମିଟି ସଦସ୍ୟ ହିମାଂଶୁ ଖମାରୀ, ବିଶ୍ୱାମିତ୍ର ଦେହେରୀ ପ୍ରମୁଖ ସହଯୋଗ କରିଥିଲେ।

# ପୁରୀ ଗଲେ ୭୪ ବରିଷ୍ଠ ନାଗରିକ



ଯାତ୍ରାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକଙ୍କୁ କିଟ୍ ପ୍ରଦାନ କରାଯାଉଛି।

## ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ତୀର୍ଥଯାତ୍ରା

ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ମଙ୍ଗଳବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲାର ୭୪ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲା ସଂସ୍କୃତି ଭବନରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ରାଜ୍ୟ ପରିବହନ ନିଗମର ଦୁଇ ଗୋଟି ଶୀତତାପ ନିୟନ୍ତ୍ରିତ ବସରେ ବରିଷ୍ଠ ନାଗରିକ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ ସୌମ୍ୟାରୂପା ରଥ, ଜିଲା ପର୍ଯ୍ୟଟନ ଅଧିକାରୀ ରାଜେଶ କୁମାର ପ୍ରମୁଖ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତୀର୍ଥ ଯାତ୍ରାରେ ୬ ଜଣ ସୁରକ୍ଷାଦାତାଙ୍କ ଯେଉଁଥିରେ ୨ ଜଣ ଚିକିତ୍ସା ଅଧିକାରୀ ମଧ ସାଥିରେ ଯାଇଛନ୍ତି। ପୁରୀ ଜିଲା ପ୍ରଶାସନ ଏବଂ ଜଗନ୍ନାଥ ମନ୍ଦିର ପ୍ରଶାସନର ସହଯୋଗରେ ବରିଷ୍ଠ ନାଗରିକମାନେ ବୁଧବାର ଜଗନ୍ନାଥ ଦର୍ଶନ ସାରି ସନ୍ଧ୍ୟାରେ ପୁଣି ସୁବର୍ଣ୍ଣପୁର ଫେରିବେ। ପରେ ସେମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଗ୍ରାମକୁ ପହଞ୍ଚାଯିବାର ସୁବ୍ୟବସ୍ଥା ଜିଲା ପ୍ରଶାସନ ଦ୍ୱାରା କରାଯିବ ବୋଲି ପର୍ଯ୍ୟଟନ ଅଧିକାରୀ କହିଛନ୍ତି।

# ପାକ୍ସ ସମ୍ପାଦକଙ୍କୁ ନିଲମ୍ବନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

## ମରାଡୁଗୋଛା ପାକ୍ସରେ ନିଯୁକ୍ତି ଦୁର୍ନୀତି ଘଟଣା

ସୋନପୁର, ୧୭।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ନିଯୁକ୍ତି ପ୍ରଦାନରେ ଦୁର୍ନୀତି ହୋଇଛି। ସେହିପରି ଖରିଫରେ ଚାଷୀଙ୍କ ଧାନ କିଣାରେ ଅନିୟମିତତା ହୋଇଥିଲା। କର୍ମଚାରୀଙ୍କ ଅବହେଳାରୁ ଟୋକନ୍ ଲାପ୍ସ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ତେଣୁ କର୍ତ୍ତବ୍ୟରେ ଅବହେଳା ଓ ବିଭିନ୍ନ କାରଣ ପାଇଁ ପାକ୍ସ ସମ୍ପାଦକ ନବୀନ ଦାଶଙ୍କୁ ନିଲମ୍ବନ ସକାଶେ ଜିଲାପାଳ ଡ. ନୃପରାଜ ସାହୁ ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଡ. ସଞ୍ଜୟ କୁମାର ତ୍ରିପାଠୀଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପରେ ଡିଆରସିଏସ୍ ଡ. ତ୍ରିପାଠୀ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ପାକ୍ସ ପରିଚାଳନା ପରିଷଦ ସଭାପତି ସନ୍ତୋଷ ଡାଙ୍ଗଙ୍କୁ ଚିଠି କରିଛନ୍ତି। ସମବାୟ ବିଭାଗର ନିୟମ ଅନୁଯାୟୀ ପାକ୍ସ ପରିଚାଳନା ପରିଷଦ ହିଁ ସମ୍ପାଦକଙ୍କୁ ନିଲମ୍ବନ କରିପାରିବ। ଜିଲାପାଳଙ୍କ ଏହି ନିର୍ଦ୍ଦେଶକୁ ଅଞ୍ଚଳର ଚାଷୀ ସ୍ୱାଗତ କରିଛନ୍ତି।

ତରଭା ବ୍ଲକ ମରାଡୁଗୋଛା ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶ, ରାତ୍ର ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାସ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ ପରେ ଯୋଜନା ଅନୁଯାୟୀ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ ମନୋଜ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ନୂତନ ନିଯୁକ୍ତି ପାଇଁ ପାକ୍ସ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇନଥିଲା, କି ନିଯୁକ୍ତି କମିଟି ଗଠନ ହୋଇ ନ ଥିଲା। ତେବେ ସରକାରଙ୍କ ନିଯୁକ୍ତି ନିୟମକୁ ଅଣଦେଖା କରି ଡିଆରସିଏସ୍ ଥଇଥାନ ନିଯୁକ୍ତି ପ୍ରସ୍ତାବକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ରେ ନବୀନ, ମକୁନ୍ଦ ଓ ମନୋଜ ଭିଆର୍‌ଏସ୍ ନେଇଥିଲେ। ସେହି ଦିନ ହିଁ ସେମାନଙ୍କ ପରିବାରର ୪ଜଣ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଙ୍କାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକ ଭାବେ ବେଆଇନ ନିଯୁକ୍ତି ଦିଆ ଯାଇଥିଲା। ସେହିପରି ପାକ୍ସର ରାତ୍ର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ରାତ୍ର ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ପିଅନ ଭାବେ ନିଯୁକ୍ତି ପାଇଥିଲେ। ଏଭଳି ଦୁର୍ନୀତିର ପ୍ରମାଣ ମିଳିବା ପରେ ଡିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଡ. ସାହୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟପକ୍ଷେ ଜିଲାପାଳଙ୍କ କୈଫିୟତ ତଲବ ଓ ପରିଚାଳନା ପରିଷଦ ଦ୍ୱାରା ଗୃହୀତ ପ୍ରସ୍ତାବରେ ତ୍ରୁଟି ଥିବା ଜାଣିବା ପରେ ନିଜର ପ୍ରଶାସନିକ ଅନୁମୋଦନକୁ ଡିଆରସିଏସ୍ ଡ. ତ୍ରିପାଠୀ ରଦ୍ଦ କରିଛନ୍ତି। ବର୍ତ୍ତମାନ ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ପାକ୍ସରେ ଚାଲିଥିବା ଘଟଣାକୁ ନେଇ ଅଞ୍ଚଳର ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ନବୀନ ଦାଶ।



## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ଆଉଁଳି ଗ୍ରାମରେ ସୋମବାର ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆଉଁଳି ଗ୍ରାମର କେଦାର ବେହେରା ରାଜମିସ୍ତ୍ରୀ ଭାବେ କାମ କରନ୍ତି। ସୋମବାର ସନ୍ଧ୍ୟାରେ ସେ କାମ ସାରି ଘରକୁ ଫେରିବାବେଳେ ସେହି ଗ୍ରାମର ରଞ୍ଜିତ ସାହୁ ଏକ ବାଇକରେ ଆସି ଏଆର୍‌ସି ବେଲଛକ ନିକଟରେ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ କେଦାର ଟାଙ୍ଗିଆକୁ ହାତରେ ଧରିଦେବାରୁ ତାଙ୍କ ଛାତିରେ ସାମାନ୍ୟ ଆଘାତ ଲାଗିବା ସହିତ ଶାର୍ଟ ଚିରିଯାଇଛି। ଘଟଣା ପରଠାରୁ ରଞ୍ଜିତ୍ ଫେରାର ହୋଇଯାଇଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଏନେଇ କେଦାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଜୋହନ କୁଜୁର କହିଛନ୍ତି।

### ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

ଝାରସୁଗୁଡ଼ା, ୧୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅନ୍ତର୍ଗତ ଏଚ୍. କଟାପାଲିସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ୧ମ ବର୍ଷର ଛାତ୍ରୀଙ୍କ ପାଇଁ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଥାନା ଏଏସ୍‌ଆଇ ମଞ୍ଜୁ ମାଝି, ସମ୍ମାନିତ ଅତିଥି ଭାବେ ସଦର ଥାନା ଏଏସ୍‌ଆଇ ରୀନା ପଟେଲ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପ୍ରଧାନ ଆତ୍ମରକ୍ଷା ବିଷୟରେ କହିଥିବାବେଳେ ପ୍ରଶିକ୍ଷକ କାମେଲେଶ୍ୱରୀ ଲହରେ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆତ୍ମରକ୍ଷା ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଏବଂ ଜିଲା କଲ୍ୟାଣ ବିଭାଗ ପକ୍ଷରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ସୁରକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଜିଲା କଲ୍ୟାଣ ଅଧିକାରୀ ଶିଶିର କୁମାର ପୁହାଣ, ସନ୍ଧ୍ୟା ମାଝି ଯୋଗଦେଇଥିଲେ। କର୍ମଶାଳାର ଶୀର୍ଷକ 'ଆସନ୍ତୁ ସୁରକ୍ଷା ବିଷୟରେ କଥାହେବା'। ଏଥିରେ ରାମଚନ୍ଦ୍ର ସରେନ, ବୁଲୁ କୁମାର ମାଝୀ ଓ ଅନୁପମା ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭାଗର କାର୍ଯ୍ୟରତ ସମସ୍ତ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମାଷ୍ଟର ଟ୍ରେନର ତଥା ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ରବିନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଲୁଙ୍ଗ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଓଡ଼ିଆରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପତ୍ର ବିନିମୟ ଏବଂ ଯୋଗାଯୋଗ, ଓଡ଼ିଆ ଚିଠା ଓ ଟିପ୍ପଣୀ ଆଦେଶନାମା ବ୍ୟବହାରିକ ଉପରେ ମାଷ୍ଟର ଟ୍ରେନର ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଫେସର ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଡେପୁଟି କଲେକ୍ଟର ସୌମ୍ୟା ଶୁଚିସ୍ମିତା, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କର: ଜିଲାପାଳ

## ସ୍ୱାସ୍ଥ୍ୟକେନ୍ଦ୍ର କୋଠା, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା, ୧୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ମୁଦ୍ରାଜୋରସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ କୋଠା ପରିଦର୍ଶନକରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍. ଏମ୍. ପଣ୍ଡା ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ଜିଲାପାଳ ନିର୍ମାଣାଧୀନ କୋଠାର କୋଣ ଅନୁକୋଣ ବୁଲି ଦେଖିବା ସହ କାର୍ଯ୍ୟର ମାନ ପରଖିଥିଲେ। ଏହି ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନାକରି କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ନୂତନ କୋଠା ନିର୍ମାଣ କରାଯାଉଛି। ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ସମସ୍ତ କାର୍ଯ୍ୟ ଶେଷକରି କୋଠା ହସ୍ତାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



ଜିଲାପାଳ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ସେହିପରି ଜିଲାପାଳ ଚହ୍ୱାଣ ଝାରସୁଗୁଡ଼ାସ୍ଥିତ ଏଚ୍. କଣ୍ଟାପାଲି ପଞ୍ଚାୟତ ଗସ୍ତ କରି ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରର କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁମାନଙ୍କ ଶିକ୍ଷା ପାଇଁ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଚହ୍ୱାଣ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହ ଆଲୋଚନା କରି କେନ୍ଦ୍ରର ପରିଚାଳନା ଏବଂ ଶିଶୁଙ୍କୁ ଦିଆଯାଉଥିବା ସୁବିଧାସୁଯୋଗ ବିଷୟରେ ପଚାରି ବୁଝିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ସହ ଜିଲାପାଳ କଥାହୋଇ ସେମାନଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

# ତଦନ୍ତ ରିପୋର୍ଟ ଜିଲାପାଳଙ୍କ ନିକଟକୁ ପଠାଗଲା

## ବେଆଇନ ସିଲିଣ୍ଡର ଜବତ ଘଟଣା

ଝାରସୁଗୁଡ଼ା, ୧୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ବେହେରାମାଲରେ ଥିବା ସାହୁ ଗ୍ୟାସ୍ ସର୍ଭିସ୍ ଦୋକାନରେ ଶୁକ୍ରବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ଗଚ୍ଛିତ ଥିବା ୯୩ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିଲା। ସେଥିମଧ୍ୟରୁ ୨୮ଟି ଗ୍ୟାସ୍ ଭର୍ତ୍ତି ଓ ୬୫ଟି ଖାଲି ସିଲିଣ୍ଡର ଥିବା ଜଣାପଡ଼ିଥିଲା। ତେବେ ଏନେଇ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଥାନାରେ ମାମଲା ରୁଜୁ ପାଇଁ ଜିଲାପାଳଙ୍କ ନିକଟକୁ ତଦନ୍ତ ରିପୋର୍ଟ ପଠାଯାଇଛି। ଜିଲାପାଳଙ୍କ ଅନୁମତି ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେସ୍ରା, ଅତିରିକ୍ତ ଏସିଏସ୍‌ଓ ପୀତାମ୍ବର ସେଠୀ କହିଛନ୍ତି। ଅପରପକ୍ଷେ ବର୍ତ୍ତମାନ ଯେଉଁମାନେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ବିକ୍ରି କରୁଛନ୍ତି, ସେମାନଙ୍କ ସମ୍ପର୍କରେ ଖବର ପାଇଲେ କିମ୍ବା ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବେସ୍ରା କହିଛନ୍ତି।

# ବାଲ୍ୟବିବାହ ବିରୋଧରେ ସ୍ୱର ଉତ୍ତୋଳନ କର



ୟୁନିସେଫ୍‌ର ରାଜ୍ୟ ସହାୟକ ସମନ୍ୱୟକାରୀ ଶକୁନ୍ତଳା ଦାଶ ଅଦ୍ୱିକା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା, ୧୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ବାଲ୍ୟବିବାହ ନିରାକରଣ ଏବଂ କିଶୋରୀମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ୟୁନିସେଫ୍‌ର ରାଜ୍ୟ ସହାୟକ ସମନ୍ୱୟକାରୀ ଶକୁନ୍ତଳା ଦାଶ ମଙ୍ଗଳବାର ଝାରସୁଗୁଡ଼ା ଜିଲା ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହା ପୂର୍ବରୁ ସୋମବାର ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ ଶିଶୁସୁରକ୍ଷା କାର୍ଯ୍ୟାଳୟର ବୈଠକ ଗୃହରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିସେଫ୍‌ର ରାଜ୍ୟ ସହାୟକ ସମନ୍ୱୟକାରୀ ଶକୁନ୍ତଳା ଦାଶ ଯୋଗଦେଇଥିଲେ। ବୈଠକରେ ବାଲ୍ୟବିବାହ ରୋକିବା ପାଇଁ ୫ ବର୍ଷୀୟ କାର୍ଯ୍ୟଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଯୋଜନାରେ ମୁଖ୍ୟତଃ ସାମାଜିକ ସଚେତନତା, କିଶୋରୀମାନଙ୍କ ସଶକ୍ତୀକରଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ଷେତ୍ର ସ୍ତରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ପିଓ ଯାଜ୍ଞସେନୀ ମହାନନ୍ଦ, ମିନାକ୍ଷୀ ରାଜ, କୃଷ୍ଣପ୍ରିୟା ପ୍ରଧାନ, ଲିଲେଶ୍ୱର ସାହୁ, ଡିସିପିଓ ସୁନନ୍ଦ ମହାରଣାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ମତାମତ ରଖିଥିଲେ। ମଙ୍ଗଳବାର ଶକୁନ୍ତଳା ଦାଶ ଜିଲାର ବିଭିନ୍ନ ଅଦ୍ୱିକା କେନ୍ଦ୍ର ପରିଦର୍ଶନ କରି ସେଠାରେ ପ୍ରଦାନ କରାଯାଉଥିବା ସେବା ବିଷୟ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ସେ କେନ୍ଦ୍ରରେ ଉପସ୍ଥିତ ଥିବା କିଶୋରୀ ଓ କିଶୋରମାନଙ୍କ ସହ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଶୈଳୀ ସମ୍ପର୍କରେ ମତ ବିନିମୟ କରିଥିଲେ। ବିଶେଷକରି ବାଲ୍ୟବିବାହ ଭଳି କୁପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, 'ଅଦ୍ୱିକା କେନ୍ଦ୍ର' କିଶୋରୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ନିଜ ଅଧିକାର ବିଷୟରେ ସଚେତନ କରାଇବାରେ ଏକ ପ୍ରମୁଖ ମାଧ୍ୟମ ସାଜିଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ଗାଡ଼ି ଧକ୍କାରେ ୩ ଆହତ

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ ବଣିଆକିଲିଣ୍ଡା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନରେ ଗାଡ଼ି ଧକ୍କାରେ ଜଣେ ନାବାଳକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଦେବଗଡ଼ ଥାନା ଅଧୀନ କୁରୋଡ ଗ୍ରାମର ପପୁନ ସିଂ(୨୩), ହୃଷୀକେଶ ଗୌରା ବେହେରା(୨୩), ନିତେଶ ସାହୁ(୧୬)। ସେମାନେ ଏକ ବାଇକ୍‌ରେ ଆମ୍ବକଟା ଗ୍ରାମରୁ କୁରଡ ଅଭିମୁଖେ ଫେରୁଥିବାବେଳେ ବଣିଆକିଲିଣ୍ଡା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ପଛପଟୁ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ବାଇକ୍‌ଟି ଚୂର୍ମାର ହୋଇଯିବା ସହ ୩ଜଣ ଆହତ ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ପପୁନଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦେବଗଡ଼ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଶିବିରରୁ ୫୭ ୟୁନିଟ୍ ରକ୍ତ ସଂଗ୍ରହ




ଶିବିରରେ ରକ୍ତଦାନ କରାଯାଉଛି।

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ କଲ୍ୟାଣମଣ୍ଡପରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ବିନୟ କେର୍‌କେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା ଯୋଗଦେଇଥିଲେ। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟିକରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମଋତୁରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପୂରଣକରିବା ଲକ୍ଷ୍ୟରେ ପୋଲିସ ଏଭଳି ଏକ ପଦକ୍ଷେପ ନେଇଛି। ଏହି ଶିବିରରେ ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ମଲେହିପଡ଼ା ସରପଞ୍ଚ ରୁନୁ ବେହେରା, ସାମାଜିକ କର୍ମୀ ଗାନ୍ଧୀଚରଣ ନାୟକ, ସୁଶାନ୍ତ ବେହେରା ପ୍ରମୁଖ ସାମିଲହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରିଆମାଳ ଥାନା ଏସ୍‌ଆଇ ସନ୍ତୋଷ ସେଠୀ, ଏଏସ୍‌ଆଇ ବିଜୟ ସ୍ୱର୍ଣ୍ଣ, ବିଶ୍ୱରଞ୍ଜନ ଦାଶଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

## ଜିଲାର ଉନ୍ନତୀକରଣ ସମ୍ପର୍କିତ ସମୀକ୍ଷା ବୈଠକ

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଉନ୍ନତୀକରଣ ସମ୍ପର୍କିତ ସମୀକ୍ଷା ବୈଠକ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ଜିଲା ଓ ବ୍ଲକ୍‌ଗୁଡ଼ିକର ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ, ପର୍ଯ୍ୟଟନର ବିକାଶ, ଚିକିତ୍ସାଳୟ, କ୍ରୀଡ଼ାର ଉନ୍ନତୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଓମାତ, ଅଞ୍ଜୁନୀ କୁଜୁର୍, କଳିଙ୍ଗ ଆଶିଷ ଶତପଥୀ, ସହକାରୀ ଜିଲାପାଳ ତାପସ କୁମାର ମହନ୍ତ, ଈଶ୍ୱର ଗୁରୁ, ସନ୍ଧ୍ୟା ମାଝି, ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରେଙ୍ଗାଲବାହାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼, ୧୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ ରେଙ୍ଗାଲବାହାଲ ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦୋଦରୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ ସିଂ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ବୈଦ୍ୟ ନାରାୟଣ ପ୍ରଧାନ, ୱାର୍ଡ ମେମ୍ବର ରୁପେନା ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ହାତୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ବାଲ୍ୟ ବିବାହକୁ ନେଇ ଏକ ନାଟକ ମଞ୍ଚସ୍ଥ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁପ୍ରଭା ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅସହାୟ ବୃଦ୍ଧଙ୍କୁ ଉଦ୍ଧାରକଲା ଜିଲା ପ୍ରଶାସନ

ଝାରସୁଗୁଡ଼ା, ୧୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବେ କେବଳ ସୂଚନା ପ୍ରଦାନରେ ସୀମିତ ନ ରହି ବିପଦ ସମୟରେ ଲୋକଙ୍କ ପାଇଁ ଏକ ସାହାଯ୍ୟର ମାଧ୍ୟମ ପାଲଟିଛି। କୋଲାବିରା ଅଞ୍ଚଳର ସଚେତନ ନାଗରିକ ଗଙ୍ଗାଧର ମକର ଫେସ୍‌ବୁକ୍ କମେଣ୍ଟ ମାଧ୍ୟମରେ ଅସହାୟ ବୃଦ୍ଧ ଲେଲିନ୍ ସା(୭୦)ଙ୍କ ବିଷୟରେ ସୋମବାର ଜିଲା ପ୍ରଶାସନକୁ ସୂଚନା ଦେଇଥିଲେ। ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଏହି ସୂଚନାକୁ ଗୁରୁତ୍ୱର ସହ ନିଆଯାଇ କୋଲାବିରା ପୋଲିସ ଏବଂ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ପରମାଣପୁର ଗ୍ରାମ ନିକଟ ରାସ୍ତାକଡ଼ରୁ ଲେଲିନ୍‌ଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ପଞ୍ଚପଡ଼ାସ୍ଥିତ ଜରାଶ୍ରମକୁ ନିଆଯାଇଥିଲା।



ଲେଲିନ୍ ସା।

ମଙ୍ଗଳବାର ଉକ୍ତ ଜରାଶ୍ରମ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଲେଲିନ୍‌ଙ୍କ ସମେତ ଅନ୍ୟ ଅନ୍ତେବାସୀଙ୍କ ଚିକିତ୍ସା କରାଯାଇଥିଲା। ଜିଲା ପ୍ରଶାସନର ଏହି ତ୍ୱରିତ ପଦକ୍ଷେପ ଏବଂ ସୋସିଆଲ ମିଡିଆର ସଫଳ ପ୍ରୟୋଗକୁ ଜିଲାବାସୀ ପ୍ରଶଂସା କରିଛନ୍ତି।

# ୧୨ କେଜି ଗଞ୍ଜେଇ ଜବତ, ୪ କୋର୍ଟ ଚାଲାଣ

ବ୍ରଜରାଜନଗର, ୧୭।୩ (ବିଜୟ ବରାଡ଼)

ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ବନହରପାଲି ଏବଂ ଓରିଏଣ୍ଟ ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ପ୍ରାୟ ୧୨ କେଜି ଗଞ୍ଜେଇ, ଟଙ୍କା, ବାଇକ୍ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି ବୋଲି ମଙ୍ଗଳବାର ସନ୍ଧ୍ୟାରେ ବ୍ରଜରାଜନଗର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ଗଞ୍ଜେଇ ବିକ୍ରି ଅଭିଯୋଗରେ ବନହରପାଲି ଥାନା ଅଧୀନ ତାଲିବାହାଲର ପ୍ରଶାନ୍ତ ପାତ୍ରୀ(୪୩), ପିପିଲିକାନୀର ବଶିଷ୍ଠ ପ୍ରଧାନ(୪୨)ଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୩ କେଜି ୯୬୨ ଗ୍ରାମ୍ ଗଞ୍ଜେଇ, ୧୬ ହଜାର ୫୦୦ଟଙ୍କା, ୨ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ସେହିପରି ଉକ୍ତ ଥାନା ଅଧୀନ ଡେଙ୍ଗସର୍ଗି ଗ୍ରାମର ମିହିର ସେନାପତି(୫୫)ଙ୍କ ଘରେ ପୋଲିସ ଚଢ଼ାଉ କରି ୪କେଜି ୨୨୦ ଗ୍ରାମ୍ ଗଞ୍ଜେଇ, ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ ଜବତ କରିଛି। ଏହି ଘଟଣାରେ ମିହିରଙ୍କୁ ପୋଲିସ ଗିରଫ କରିଛି। ଅପରପକ୍ଷେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ଓରିଏଣ୍ଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଓରିଏଣ୍ଟ ଥାନା ଅନ୍ତର୍ଗତ ମଣ୍ଡଳିଆ ଅଞ୍ଚଳର ମୀନକେତନ ଭୋଇ(୪୦)। ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରି ୩ କେଜି ୭୦୦ଗ୍ରାମ ଗଞ୍ଜେଇ, ୮ହଜାର ୮୬୦ ଟଙ୍କା ଜବତ କରିଛି। ଖବରଦାତା ସମ୍ମିଳନୀରେ ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାୟକ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।



## ସଂକ୍ଷେପରେ

### ଶିକ୍ଷା ଦ୍ୱାରା ମାନବିକତାର ଉନ୍ମେଷ ହୋଇଥାଏ

**ଭବାନୀପାଟଣା, ୧୭।୩ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ଏରୁଡାଇଟ ପ୍ରିମିୟମ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ସବିତା ପଟ୍ଟନାୟକ ମୁଖ୍ୟ ଅତିଥି, ଜଗଦୀଶ ପ୍ରସାଦ ମୁଣ୍ଡ ମୁଖ୍ୟବକ୍ତା, ଶିକ୍ଷାବିତ୍ ରବିନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଓ ବିଶେଷ ଅତିଥି ଭାବେ ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର, ସମ୍ପାଦକ ରୂପେଶ କୁମାର ହୋତା ଯୋଗଦେଇଥିଲେ। ଶିକ୍ଷା ଦ୍ୱାରା ମାନବିକତାର ଉନ୍ମେଷ ଓ ବିକାଶ ସାଧିତ ହୋଇଥାଏ। ଶିକ୍ଷା ମଣିଷକୁ ସଞ୍ଜତ, ଶୃଙ୍ଖଳିତ, ସାମାଜିକ ଓ ସୁଯୋଗ୍ୟ କରିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ରାଇମ୍ସ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା କାଜମିନ ନିଶା ଅଧକ୍ଷତା କରିଥିବା ବେଳେ ଆନନ୍ଦିତା ସା, ପି. ସୀତା ଲକ୍ଷ୍ମୀ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଅଧକ୍ଷା କାଜମିନ ନିଶା ଧନ୍ୟବାଦ ଦେଇଥିଲେ।

# ଏନ୍ଏସି ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ଦିଅ

**ଭବାନୀପାଟଣା, ୧୭।୩(ଉତ୍ତମ କୁମାର ଦାଶ)**


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବହୁଜନ ମିଳିତ ମହାସଂଘ କର୍ମକର୍ତ୍ତା।

**ମୂଳନିବାସୀ ବହୁଜନ ମିଳିତ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ଆଉ କିଛିଦିନ ପରେ କଳାହାଣ୍ଡିରେ ନୂତନ ଭାବେ ଗଠନ ହୋଇଥିବା ଜୟପାଟଣା ଓ ନର୍ଲା ଏନ୍ଏସି ପାଇଁ ନିର୍ବାଚନ ହେବାକୁ ବିଜ୍ଞାପନ ପ୍ରକାଶ ପାଇଛି। ଏଥିରେ କାଉନସିଲର ପଦବୀ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଛି। ହେଲେ ଏହି ତାଲିକାରେ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ ଥିବାରୁ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଉଭୟ ଜୟପାଟଣା ଓ ନର୍ଲା ଏନ୍ଏସି ଅଞ୍ଚଳରେ ଓବିସି ଭୋଟର ୫୦ପ୍ରତିଶତରୁ ଅଧିକ ରହିଥିବା ବେଳେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ କରିବା ସମାଜ ପ୍ରତି ଏକ ଉପହାସ ଓ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କଳାହାଣ୍ଡି ଜିଲା ଓବିସି ମଞ୍ଚ ସଭାପତି ଡମ୍ବରୁଧର ଲହଜଲ, ମହାସଂଘର ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, ଆଦିବାସୀ ନେତା ଧବଳେଶ୍ୱର ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି। କୌଣସି ବାହାନା ନ ଦେଖାଇ ଚଳିତ ସହରାଞ୍ଚଳ ନିର୍ବାଚନରେ ଓବିସି ଆରକ୍ଷଣ ବ୍ୟବସ୍ଥା ଲାଗୁ କର, ଅନ୍ୟଥା ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘର ଜିଲା ସଭାପତି ସଚି ମହାକୁଡ଼, ଆବାହକ ଜଗଦୀଶ ଯାଦବ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଗତ ଦିନରେ କେନ୍ଦ୍ର କ୍ୟାବିନେଟରେ ମଧ୍ୟ ଚଳିତ ଜନଗଣନା ସମୟରେ ଜାତି ଆଧାରିତ ଜନଗଣନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ଏହି ଜନଗଣନାରେ ଓବିସିମାନଙ୍କ ଗଣତି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ, ଯାହା ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ମହାସଂଘ ଉପଦେଷ୍ଟା ପ୍ରମୋଦ ହଂସ ଅଭିଯୋଗ କରିଛନ୍ତି। ତେଣୁ ଆସନ୍ତା ଏନ୍ଏସି ନିର୍ବାଚନରେ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହ ଓଡିଶାରେ ସ୍ୱତନ୍ତ୍ର ଭାବେ ଓବିସି ଜନଗଣନା କରାଯାଉ, ନଚେତ ଏସ୍ସି, ଏସ୍ଟି ଓ ଓବିସି ସମାଜ ତରଫରୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗମ୍ବର ଦୁରିଆ ମତ ପ୍ରକାଶ କରିଛନ୍ତି। ଉପରୋକ୍ତ ଦାବି ନେଇ ମଙ୍ଗଳବାର ମହାସଂଘ ତରଫରୁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ବୈତୁରା ଦୀପ ଏହାକୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକେଶ୍ୱର ଲହଜଲ, ଓବିସି ଜିଲା ସଭାପତି ଡମ୍ବରୁଧର ଲହଜଲ, ଆଦିବାସୀ ନେତା ଡମ୍ବରୁଧର ମାଝୀ, ଜିଲା ସଭାପତି ସଚି ମହାକୁଡ଼, ସୁରେଶ ମାଝୀ, ଯତୀନ୍ଦ୍ର କର, ଗଙ୍ଗାଧର ଜାଲ, ଆଦିତ୍ୟ ଯାଦବ, ଡାକେଶ୍ୱର ଲହଜଲ, ଅଗଷ୍ଟ ନାଏକ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନିଆଯାଉ

**ନୂଆପଡ଼ା, ୧୭।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ସିଙ୍ଘଝର ଗାଁର ପଥର ଚଟାଣ ଉପରେ ଦୀର୍ଘବର୍ଷରୁ ବାସ କରିଆସୁଥିବା ପରିବାରକୁ ଉଚ୍ଛେଦ ପ୍ରତିବାଦରେ ମଙ୍ଗଳବାର କଂଗ୍ରେସ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାମବାସୀ ନୂଆପଡ଼ା ଉପଜିଲାପାଳ ସୁର୍ମି ସୋରେନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସିଙ୍ଘଝର ଗାଁର ୧୬ ପରିବାର ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ପଥର ଚଟାଣ ଉପରେ ଘର କରି ବାସ କରିଆସୁଛନ୍ତି। ସେଠାକାର କିଛି ଖଳପ୍ରକୃତି ଲୋକ ଏହିସବୁ ପରିବାରଙ୍କୁ ଉଚ୍ଛେଦ କରାଯାଉ ବୋଲି ନୂଆପଡା ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହା ଉପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ମାଗିବାରୁ ଉକ୍ତ ପରିବାର ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଭିତ୍ତିକରି ଅତିରିକ୍ତ ତହସିଲଦାର ଉକ୍ତ ପରିବାରଗୁଡ଼ିକୁ ଏକ ମାସ ମଧ୍ୟରେ ସ୍ଥାନ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିବାର ସରକାରଙ୍କ ଆବାସ ଯୋଜନାରେ ଘର ପାଇଛନ୍ତି । ରାଶନ କାର୍ଡ, ଜବ୍କାର୍ଡ ଓ ଅନ୍ୟାନ୍ୟ ସରକାରୀ କାଗଜାତ ରଖିଛନ୍ତି। ଦିନ ମଜୁରିଆ ଭାବରେ କାମ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସେହି ସ୍ଥାନରୁ ଉଚ୍ଛେଦ କଲେ ସେମାନେ ଅସହାୟ ହୋଇପଡିବେ। ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି । ଏହି ସମୟରେ ମଦନ ନିଆଲ, ଶ୍ରୀକାନ୍ତ ବୈଠାରୁ, ସନ୍ତୋଷ ବାଗ, ଚୌବନ ବୈଠାରୁ, ଅହଲ୍ୟା ବୈଠାରୁ, ପ୍ରଦୀପ କୁମାର ବାରିକ, ଯଶୋବନ୍ତି ବୈଠାରୁ, ମୁକ୍ତା ବାଗ, ମାଧୁରୀ ବାରିକ ଉପସ୍ଥିତ ଥିଲେ।

# ୨୦୧୮ ବ୍ୟାଚ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନୂତନ କର୍ମକର୍ତ୍ତା ଚୟନ


ବୈଠକରେ ଯୋଗଦେଇଥିବା ୨୦୧୮ ବ୍ୟାଚ୍ ଶିକ୍ଷୟିତ୍ରୀଶିକ୍ଷକ।

**ଲାଞ୍ଜିଗଡ଼, ୧୭।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ସ୍ଥିତ ଯୋଡ଼ାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ନିକଟ ଆମ୍ବ ବଗିଚା ପରିସରରେ ଲାଞ୍ଜିଗଡ଼ ବ୍ଲକର ୨୦୧୮ ବ୍ୟାଚ୍ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ଶୁଭ୍ରାଂଶୁ କୁମାର ଖଟୁଆ ସଭାପତି, ରତିକାନ୍ତ ସେଠୀ ଉପସଭାପତି, କାର୍ତ୍ତିକ ସେଠୀ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଉତ୍ତମ କୁମାର ସେନାପତି, ସଂଘ ସଂଯୋଜକ ପୁରନ୍ଦର ପ୍ରଧାନ, ମନୋଜ କୁମାର ବାଗୁଡାଇ, ଉପଦେଷ୍ଟା ମଣ୍ଡଳୀରେ ରାମଚନ୍ଦ୍ର ସାହୁ, ଟଙ୍କଧର ବାଗ, ଦିଲୀପ କୁମାର ନାଗ, ପ୍ରଜ୍ଞା ପ୍ରଭାସିନୀ, ମିଡିଆ ସଂଯୋଜକ କେ. ଯୁଧିଷ୍ଠିର ପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସମସ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶିକ୍ଷକ ସମାଜର ଉନ୍ନତି ପାଇଁ ସ୍ୱର ଉତ୍ତୋଳନ କରିବ ବୋଲି ନୂତନ ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି ବୈଠକରେ ବ୍ୟାଚର ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ସମ୍ପନ୍ନ

**ଲାଞ୍ଜିଗଡ଼, ୧୭।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ପାଟଖଣ୍ଡା ବୁଢାରଜାଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତିରେ ମଙ୍ଗଳବାର ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ପ୍ରଥମେ ଗାଁରୁ ବିଭିନ୍ନ ଶସ୍ୟ ଧାନ, ବିରି, ମୁଗ, କୋଳଥ, ମକା ସଂଗ୍ରହ କରି ନୂଆଁ ବାଉଁଶରେ ତିଆରି ୭ଟି ଟାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ସଂଗୃହୀତ ବିଭିନ୍ନ ବିହନକୁ ଗଜା ହେବାପାଇଁ ବାଲି ଟାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିବା ସହ ନିକଟ ଜଙ୍ଗଲରୁ ବେଲକଣ୍ଟା ଆଣି ଝାମେର ଦୋଳି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ନିଆଁଗାଡ଼ରେ କାଳିସୀ ଚାଲିବା ସହ ନିଜ ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ଛେଳି, କୁକୁଡ଼ା ଓ ପାରା ବଳି ଦେଇଥିଲେ। ମୁଖ୍ୟ ପୂଜକ ବାନ ମାଝୀ, ଉଆଁସୁ ହରିଜନ, ବାହୁକ ବିଟୁ ମାଝୀ, ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ, ବିସ୍ୱ ମାଝୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଯାତ୍ରାରେ କଳାହାଣ୍ଡି ଜିଲା ତଥା ସୀମାନ୍ତ ରାୟଗଡା ଜିଲାର ଭକ୍ତଙ୍କ ସମାଗମ ହୋଇଥିଲା।


କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ପାଟଖଣ୍ଡା ବୁଢାରଜାଙ୍କ ଝାମୁଯାତ୍ରା ଅବସରରେ ସମବେତ ଜନତାଙ୍କ ଗହଣରେ ନିଆଁଗାଡ଼ରେ କାଳିଶି ଚାଲୁଥିବା ଦୃଶ୍ୟ।

### ଯୁବକଙ୍କ ମୃତଦେହ ଜବତ

**ସୋହେଲା ୧୭।୩(ଅଶ୍ୱିନୀ କୁମାର ପାତ୍ର):** ସୋହେଲାରୁ ରାୟପୁର ଯାଇଥିବା ଜାତୀୟ ରାଜପଥରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ସରଣ୍ଡାପାଲି ଗାଁର ପ୍ରଭାତ ସାହୁ (୩୫)। ଭୋର୍ ୫ଟାରୁ ଜାତୀୟ ରାଜପଥରେ ଯୁବକଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଏକ ମାମଲା (ନଂ. ୭୦/୨୬) ରୁଜୁ ହୋଇଛି। ତେବେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# ସୁଭଦ୍ରା ଶକ୍ତି ମେଳାରେ ୭୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ

**ନୂଆପଡ଼ା, ୧୭।୩ (ମକାରୁ ବେମାଲ)**


ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଉଛି।

ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ନେସନାଲ ମହାବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ୨୦୨୬ ସୋମବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ମେଳାରେ ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୋଟ ୧୨୦ଟି ଷ୍ଟଲ ସ୍ଥାପିତ ହୋଇଥିଲା। ମେଳା ଅବଧିରେ ସମୁଦାୟ ୭୦ ଲକ୍ଷ ୮୯ ହଜାର ୨୫୧ ଟଙ୍କାର ବ୍ୟବସାୟ ହୋଇଛି। ମେଳାରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀ ନିଜସ୍ୱ ଉତ୍ପାଦିତ ହସ୍ତଶିଳ୍ପ, ଖାଦ୍ୟପଦାର୍ଥ ଓ ଗ୍ରାମୀଣ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟକରି ଭଲ ରୋଜଗାର କରିଥିଲେ। ଏହି ଅବସରରେ ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଓ ପୁଷ୍ପାଞ୍ଜଳି ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସଭାରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭାଗ ଓ ଷ୍ଟଲକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ପ୍ରୋତ୍ସାହନରେ କଳାକାରମାନେ ବାଲ୍ୟବିବାହ ଓ ପ୍ରବାସୀ ଶ୍ରମିକ ସମସ୍ୟା ଉପରେ ନାଟକ ପରିବେଷଣ କରିଥିଲେ। ଷ୍ଟାର୍ ନାଇଟ୍ରେ ବିଶିଷ୍ଟ ସମ୍ବଲପୁରୀ ଗାୟକ ରୁକୁ ସୁନା ଏବଂ ସାଥୀଙ୍କ ଅର୍କେଷ୍ଟ୍ରା ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଜିଲାପାଳ ଦାଶ ମେଳାର ସଫଳ ଆୟୋଜନ ପାଇଁ ଜିଲାବାସୀ, ଜିଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗକୁ ଧନ୍ୟବାଦ ଜଣାଇଥିଲେ।

### କାଳବୈଶାଖୀ: ବର୍ଷା ସହ କୁଆପଥର ମାଡ଼

**କୋକସରା, ୧୭।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକର ଲଡୁଗାଁ, ବରାଡଙ୍ଗା, ଆମପାଣି ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ହୋଇଛି। ରାସ୍ତାରେ ୪/୫ ଇଞ୍ଚର କୁଆପଥର ଆସ୍ତରଣ ଦେଖିବାକୁ ମିଳିଥିଲା। ବରାଡଙ୍ଗା ପଞ୍ଚାୟତ ଶିଉନି ଗାଁ ନିକଟ ୨୬ନମ୍ବର ଜାତୀୟ ରାଜପଥରେ କୁଆପଥର ଆସ୍ତରଣରେ ଧଳାଚାଦର ସଦୃଶ୍ୟ ଦୃଶ୍ୟ ଦେଖିବାକୁ ମିଳିଥିଲା। କିଛି ସମୟ ଧରି ପବନ ସହ କୁଆପଥର ବର୍ଷା ଯୋଗୁ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଜାତୀୟ ରାଜପଥରେ ମଧ୍ୟ ଅନେକ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ ଡାଲି ଜାତୀୟ ଫସଲ ମୁଗ, ବିରି, ସୂର୍ଯ୍ୟମୁଖୀ ଫସଲ ଓ ଚାଷୀଙ୍କ ପନିପରିବା ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଏଭଳି କୁଆ ପଥର ବର୍ଷା ବିଗତ ୨୦ ବର୍ଷ ମଧ୍ୟରେ ହୋଇ ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଅତାବିରା, ୧୭।୩(ଯୁଧିଷ୍ଠିର ମହାପାତ୍ର):** ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଥାନା ଖାଉଁଯୋର ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ସମ୍ବଲପୁରରୁ ବରଗଡ଼ ଅଭିମୁଖେ ଯାଉଥିବା ବାଇକ୍(ନଂ.ଓଡି ୨୩ଏମ୍ /୬୩୫୧)କୁ ଏକ ଅଜଣା ଗାଡ଼ି ଖାଉଁଯୋର ନଦୀ ପାଖରେ ଧକ୍କାଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଅତାବିରା ପୋଲିସ ପକ୍ଷରୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଫଳରେ କିଛିକ୍ଷଣ ଗାଡ଼ିମୋଟର ଜାମ୍ ହୋଇଯାଇଥିଲା । ଏ ନେଇ ଅତାବିରା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

# ବାଗମୁଣ୍ଡାରେ କର୍ମା ଜୟନ୍ତୀ ପାଳିତ


କଳସ ଶୋଭାଯାତ୍ରାରେ ସାମିଲ ମହିଳା ପୁରୁଷ।

**ନୂଆପଡ଼ା, ୧୭।୩(ମକାରୁ ବେମାଲ)**

କୋମନା ବ୍ଲକ୍ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ ସାହୁ ସମାଜ ତରଫରୁ ୧୦୧୦ ତମ କର୍ମା ଜୟନ୍ତୀ ପାଳିତ ହୋଇଯାଇଛି। ଗାଁର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଜୟନ୍ତୀରେ କର୍ତ୍ତା ଭାବେ ଓସରାମ ସାହୁ , ତାଙ୍କ ଧର୍ମପତ୍ନୀ ବୁନି ସାହୁ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ପରମେଶ୍ୱର ଦୁବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ନୂଆପଡ଼ା ସାହୁ ସମାଜ ଜିଲା ସଭାପତି ଧନିରାମ ସାହୁ ମୁଖ୍ୟ ଅତିଥି, ନୂଆପଡ଼ା ବିଧାୟକ ପ୍ରତିନିଧି ରାମଲାଲ ହଂସ, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, କୋମନା ବ୍ଲକ୍ ସଭାପତି ଟେକରାମ ସାହୁ, ଲାଞ୍ଜିମାର ପରୀକ୍ଷେତ୍ର ସଭାପତି ରାମଚନ୍ଦ୍ର ସାହୁ, ନୂଆପଡ଼ା ଜିଲା ସାହୁ ସମାଜ ଉପସଭାପତି ପର୍ମ୍ମୁଲାଲ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟେକରାମ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ରବିଶଙ୍କର ସାହୁ, ଗୁଲାପ ଚନ୍ଦ୍ର ସାହୁ, କିଶନ ସାହୁ, ଶିବକୁମାର ସାହୁ, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶଥାଉ କି ମା' କର୍ମାଦେବୀ ଭଗବାନ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ଥିଲେ। ଏହି କର୍ମଦେବୀଙ୍କ ଜନ୍ମ ତିଥିକୁ ସାହୁ ସମାଜ କର୍ମା ଜୟନ୍ତୀ ଭାବେ ପାଳନ କରିଆସୁଛନ୍ତି।

# ପିଏମ୍ଏୱାଇ: ୧୦୩ ଜଣଙ୍କୁ ମିଳିଲା କାର୍ଯ୍ୟାଦେଶ

**ଭବାନୀପାଟଣା, ୧୭।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲ୍ଠାରେ ମଙ୍ଗଳବାର ପିଏମ୍ଏୱାଇ (ପ୍ରଧାନମନ୍ତ୍ରୀ ଆବାସ ଯୋଜନା) ୨.୦ (ସହରୀ) କାର୍ଯ୍ୟାଦେଶ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ପୌରପାଳିକାର ୧୦୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପୌର ଅଧକ୍ଷ ବିଷ୍ଣୁ ପ୍ରଧାନ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଜିତେନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ସିଏଲ୍ସି ଏକ୍ସପର୍ଟ ଶଙ୍କର ପ୍ରସାଦ ଦାଶ ସହଯୋଗ କରିଥିଲେ।



ଟାଉନ ହଲ୍ରେ ଅନୁଷ୍ଠିତ ପିଏମ୍ଏୱାଇ କାର୍ଯ୍ୟାଦେଶ ବଣ୍ଟନ ସମାରୋହରେ ଅତିଥିମାନେ।

# ଝାଟିମାଟି ଘରେ ବିତୁଛି ଜୀବନ

**ଥୁଆମୂଳ ରାମପୁର, ୧୭।୩ (ଦୁର୍ଗା କୀର୍ତ୍ତି)**

ଝଡ଼ବର୍ଷାରେ ଘର ଭାଙ୍ଗିଗଲା। ପ୍ରଶାସନକୁ ଗୁହାରି ପରେ କେବଳ ପଲିଥିନ ଖଣ୍ଡେ ଛଡ଼ା ଅନ୍ୟ କୌଣସି ସହାୟତା ମିଳିଲାନାହିଁ। ଶେଷରେ ଝାଟିମାଟି ଘରେ ଜୀବନ ବିତାଉଛନ୍ତି ଏକ ପରିବାର। ଏଭଳି ଦୃଶ୍ୟ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଗୁଣୁପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୬ କି.ମି. ଦୂରରେ ରହୁଛନ୍ତି ହାନ୍ଦୁ ମାଝୀ। ସ୍ତ୍ରୀ ସିଙ୍ଗାରା ମାଝୀ, ପୁଅ ସନ୍ଦୀପ ଓ ସୁଶାନ୍ତ ଏବଂ ଝିଅ କୁମୁଦିନୀଙ୍କୁ ନେଇ ତାଙ୍କ ପରିବାର। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗିଯିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ପଲିଥିନ ଖଣ୍ଡିଏ ମିଳିଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ଘର କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଶେଷରେ ମୁଣ୍ଡ ଗୁଞ୍ଜିବା ପାଇଁ ଝାଟିମାଟିର କୁଡ଼ିଆ ତିଆରି କରିଛନ୍ତି ହାନ୍ଦୁ। ଖରା, ବର୍ଷା, ଶୀତରେ ବହୁ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଏହି ପରିବାର। ଏ ନେଇ ହାନ୍ଦୁ ୱାର୍ଡମେମ୍ବରଙ୍କଠାରୁ ଆରମ୍ଭକରି ସରପଞ୍ଚ ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ତୁରନ୍ତ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଉକ୍ତ ପରିବାରକୁ ପକ୍କାଘର ଯୋଗାଇଦେବାକୁ ଜନସାଧାରଣରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସୁଜାତା ମାଝୀଙ୍କୁ ପଚାରିବାରୁ ସେ କହିଥିଲେ, ଏ ବିଷୟରେ ଅବଗତ ନ ଥିଲି। ଏହାର ତଦାରଖକରି ବ୍ଲକ୍ ପ୍ରଶାସନକୁ ଅବଗତ କରାଇବି। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନ ଥିଲା। ତେବେ ରୁରାଲ ହାଉସିଂ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ରାଜେନ୍ଦ୍ର ନାରାୟଣ ସିଂ ଦେବଙ୍କୁ ପଚାରିବାରୁ ବୁଧବାର ଆମେ ବ୍ଲକ୍ ପ୍ରଶାସନ ପକ୍ଷରୁ ସେହି ଗ୍ରାମକୁ ତଦନ୍ତ ପାଇଁ ଯିବୁ। ଯଦି ଏହି ପରିବାର ଯୋଗ୍ୟ ସମସ୍ତ ଦସ୍ତାବିଜ ସଂଗ୍ରହ କରିବୁ। ପରିବାରର ସ୍ଥିତି ଅତ୍ୟନ୍ତ ଖରାପ ଥିଲେ ଆଗାମୀ ୧ମାସ ମଧ୍ୟରେ ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ, ନଚେତ୍ ପିଏମ୍ଏୱାଇରେ ଅଗ୍ରାଧିକାର ଭିତ୍ତିରେ ଘର ଦିଆଯିବ ବୋଲି ସେ କହିଥିଲେ।


ଝାଟିମାଟି ଘର ଆଗରେ ହାନ୍ଦୁଙ୍କ ପରିବାର।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ସୋହେଲା ୧୭ା୩(ଅଶ୍ୱିନୀ କୁମାର ପାତ୍ର):** ସୋହେଲାରୁ ରାୟପୁର ଯାଉଥିବା ଜାତୀୟ ରାଜପଥରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ସରଣ୍ଡାପାଲି ଗାଁର ପ୍ରଭାତ ସାହୁ (୩୫)। ଭୋର୍ ୫ଟାରୁ ଜାତୀୟ ରାଜପଥରେ ଯୁବକଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଏକ ମାମଲା (ନଂ. ୭୦/୨୬) ରୁଜୁ ହୋଇଛି। ତେବେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ଘରକୁ ଯୋଗାଣ ହେଉନି ଗ୍ୟାସ୍, ଗ୍ରାହକ ହନ୍ତସନ୍ତ

ପଦ୍ମପୁର, ୧୭ା୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରରେ ରୋଷେଇ ଗ୍ୟାସ୍ ଯୋଗାଣରେ ଅନିୟମିତତା ଦେଖାଦେବାରୁ ଗ୍ରାହକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘରକୁ ଠିକ୍ ସମୟରେ ଗ୍ୟାସ ସିଲିଣ୍ଡର ଯୋଗାଣ ନ ହେବାରୁ ଦିନକୁ ଦିନ ଲୋକଙ୍କ ଅସନ୍ତୋଷ ବଢୁଛି। ସ୍ଥାନୀୟ ଗ୍ରାହକମାନଙ୍କ କହିବା ଅନୁସାରେ ଆଗୁଆ ବୁକିଂ କରିଥିଲେ ହେଁ ଦୀର୍ଘ ଦିନ ହେଲେ ମଧ୍ୟ ସିଲିଣ୍ଡର ଘରେ ପହଞ୍ଚୁନାହିଁ। ଗ୍ରାହକ ବାଧ୍ୟ ହୋଇ ବିତରକ କେନ୍ଦ୍ରକୁ ଯାଇ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ବିତରକଙ୍କ ପକ୍ଷରୁ ଗ୍ୟାସ ଯୋଗାଣରେ ବିଳମ୍ବର କାରଣ ସ୍ପଷ୍ଟ କରାଯାଉ ନ ଥିବାରୁ ଗ୍ରାହକମାନଙ୍କ ଅସନ୍ତୋଷ ଆହୁରି ବୃଦ୍ଧି ପାଉଛି। ଏହା ସହ ଅନିୟମିତ ବିତରଣ ଅଭିଯୋଗ ଉଠିଛି। ଶୀଘ୍ର ଗ୍ୟାସ ଯୋଗାଣ ସୁବ୍ୟବସ୍ଥିତ କରିବାକୁ ଯୋଗାଣ ବିଭାଗ, ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀଙ୍କୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ନେଇ ଗ୍ରାହକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଅତାବିରା, ୧୭ା୩(ଯୁଧିଷ୍ଠିର ମହାପାତ୍ର):** ସମ୍ବଲପୁର–ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଥାନା ଖାଉଁଯୋର ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ସମ୍ବଲପୁରରୁ ବରଗଡ଼ ଅଭିମୁଖେ ଯାଉଥିବା ବାଇକ(ନଂ.ଓଡି ୨୩ଏମ୍/୬୩୫୧)କୁ ଏକ ଅଜଣା ଗାଡ଼ି ଖାଉଁଯୋର ନଦୀ ପାଖରେ ଧକ୍କାଦେଇ ଫେରାର ହୋଇଯାଇଥିଲା । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଅତାବିରା ପୋଲିସ ପକ୍ଷରୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଫଳରେ କିଛିକ୍ଷଣ ଗାଡ଼ିମୋଟର ଜାମ୍ ହୋଇଯାଇଥିଲା । ଏ ନେଇ ଅତାବିରା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

### ରତ୍ନମୁଦ ଉତ୍ସବ ପ୍ରସ୍ତୁତି ବୈଠକ

**ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଦାନୀକଟା ନିକଟସ୍ଥ ରଜକ ସମାଜର ଆରାଧ୍ୟ ଦେବୀ ମାଁ ନିତେଇ ଧୁବେଣୀଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅର୍ଜୁନ ସେଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଜକ ସମାଜର ସମସ୍ତ ପ୍ରତିନିଧିବୃନ୍ଦ ଓ ଶତାଧିକ ମାତୃଶକ୍ତି ଏକତ୍ରିତ ହୋଇ ଆସନ୍ତା ୨୩ ତାରିଖରେ ରତ୍ନମୁଦ ଉତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଉଦ୍ଧବ ସେଟ, ଅଧିକାରୀ ସେଠ, ୱାର୍ଡ ନଂ– ୧୧ର କାଉନସିଲର ବେଦମତି ସେଠ ପ୍ରମୁଖ ଉପସ୍ଥିତ ରହିଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଚାଷୀ ପ୍ରତିନିଧିବୃନ୍ଦ ଜିଲାପାଳଙ୍କ ପାଖକୁ ଯାଉଛନ୍ତି।

# ସମସ୍ୟା ସମାଧାନ ପାଇଁ ଚାଷୀ ସଙ୍ଗଠନର ଦାବି

ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ, ମାତ୍ର ଏହି ଜିଲାରେ ଚାଷ ଏବଂ ଚାଷୀ ସମସ୍ୟା ଅସମାହିତ ରହିଛି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ୭ଦଫା ଦାବି କରାଯାଇଛି ଏବଂ ଦାବିପତ୍ରରେ ଉଲ୍ଲେଖିତ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ଏଥର ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ପଞ୍ଜୀକରଣ ଅବଧି କମ୍ ରହିଛି। ଏହାକୁ ଅତିକମ୍‌ରେ ଆହୁରି ଅଧିକ ଏକ ସପ୍ତାହ ବୃଦ୍ଧି କରିବାକୁ ଦାବି ହୋଇଛି। ସେହିପରି ସମବାୟ ସଂସ୍ଥାରୁ କୃଷିଋଣ ଉଠାଇବା ପାଇଁ ଜମିକୁ ବନ୍ଧକନାମା ଦେବା ସକାଶେ ଦିଆଯାଇଥିବା ନୂତନ ନିର୍ଦ୍ଦେଶକୁ ପ୍ରତ୍ୟାହାର, ଆବଶ୍ୟକତା ଥିବା ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦେବା ସହିତ ଉପଯୁକ୍ତ ବଜାର ବ୍ୟବସ୍ଥା କରାଯିବା, କ୍ରୟକାରୀ ସଂସ୍ଥା ଧାନକ୍ରୟର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବା, ବରଗଡ଼ ଜିଲାରେ ଆଖୁଚାଷକୁ ଗୁରୁତ୍ୱ ଦେଇ ଚିନିକଳଠାରେ ଏକ ଇଥାନଲ ପ୍ରସ୍ତୁତକାରୀ ଆଖୁ ମିଲ୍ କାର୍ଯ୍ୟକ୍ଷମ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ତେବେ ସମବାୟ କ୍ଷେତ୍ର ବ୍ୟତୀତ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ନେଇ ଖିଲାପି ଚାଷୀମାନଙ୍କ ପାଇଁ ଓଟିଏସ୍ (ୱାନ ଟାଇମ୍ ସେଟଲ୍‌ମେଣ୍ଟ ଟାଇମ୍) ସୁବିଧାରେ ଋଣମୁକ୍ତର ସୁଯୋଗ ଦିଆଯାଇଛି। ସମବାୟ କ୍ଷେତ୍ର ପ୍ରତି ସେଥିରେ ଅଣଦେଖା କରାଯାଇଥିବା ଯୋଗୁ ଚାଷୀ ଅସନ୍ତୋଷ ଦେଖାଯାଇଛି ଏବଂ ସମବାୟ କ୍ଷେତ୍ରର ଖିଲାପୀ ଚାଷୀଙ୍କ ପାଇଁ ମଧ୍ୟ ତୁରନ୍ତ ଓଟିଏସ୍ ବ୍ୟବସ୍ଥା କରିବାକୁ ଚାଷୀ ସଂଗଠନ ଦାବି କରିଛି। ସେହିପରି ପ୍ରତ୍ୟେକ ଗ୍ରାମରେ ମେଶିନ ମାଧ୍ୟମରେ ପୋଖରୀଗୁଡ଼ିକୁ ଗଭୀର କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ସଂଗଠନ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଫେରାଦ



ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିବା ମୋଟର ଚାଳକ ସଂଘର ପ୍ରତିନିଧିବୃନ୍ଦ।

ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଦେଇ ଯାଇଥିବା ରାଜପଥ ସହିତ ବିଭିନ୍ନ ରାସ୍ତାଘାଟରେ ବିଭିନ୍ନ ସମୟରେ ଗାଡ଼ି ଚାଳକଙ୍କୁ ଅଟକାଇ ଆକ୍ରମଣ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଆକ୍ରମଣକୁ ନେଇ ଗାଡ଼ି ଚାଳକମାନେ ଅସୁରକ୍ଷିତ ମନେକରିଛନ୍ତି। ଏହି କ୍ରମରେ ସେମାନଙ୍କ ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବାକୁ ମଙ୍ଗଳବାର

**ଅସୁରକ୍ଷିତ ଗାଡ଼ି ଚାଳକ**

ଓଡ଼ିଶା ମୋଟର ଚାଳକ ସଂଘ, ବରଗଡ଼ ଜିଲା ପକ୍ଷରୁ ଏସ୍‌ପି ପି.ଏସ୍. ମୀନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ଗତ କିଛିଦିନ ହେଲା ଜିଲା ଦେଇ ଯାଇଥିବା ରାଜପଥ ସହିତ ବିଭିନ୍ନ ରାସ୍ତାଘାଟରେ ଅସାମାଜିକ ତତ୍ତ୍ୱ ବଢ଼ି ଚାଲିଛି। ଗାଡ଼ି ଚାଳକଙ୍କ ପ୍ରତି ଆକ୍ରମଣ ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ ହେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରାସ୍ତାରେ ବିଭିନ୍ନ ସାମଗ୍ରୀ ଏବଂ ଯାତ୍ରୀମାନଙ୍କୁ ନେଇ ଗାଡ଼ି ଚଳାଇବା ଅସୁରକ୍ଷିତ ହୋଇ ପଡୁଛି ବୋଲି ସଂଘ ଅଭିଯୋଗ କରିଛି। ଏହାକୁ ଦୃଷ୍ଟିରେ ରାସ୍ତାରେ ପୋଲିସ ପାଟ୍ରୋଲିଂକୁ ଆହୁରି ଜୋରଦାର କରିବାକୁ ସଂଘ ଦାବି କରିଛନ୍ତି। ସଂଘର ଜିଲା ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।



ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ମଙ୍ଗଳବାର ରାତ୍ରିରେ କାଳବୈଶାଖୀ ଝଡ଼ ବତାସ ସହ କରା (କୁଆପଥର) ମାଡ଼।

### ଜ୍ଞାନ ପ୍ରକାଶର ଦଶମ ସ୍ଥାପନା ଦିବସ

ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ)

ବିଶିଷ୍ଟ ସାହିତ୍ୟିକ ଜ୍ଞାନ ଚାନ୍ଦ ଶତପଥୀଙ୍କ ଦ୍ୱାରା ସ୍ଥାପିତ ସାହିତ୍ୟ ସଂସ୍ଥା ଜ୍ଞାନ ପ୍ରକାଶର ଦଶମ ସ୍ଥାପନା ଦିବସ ସୋମବାର ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ପ୍ରକାଶର ବରଗଡ଼ ଜିଲା ମୁଖ୍ୟ ସାହିତ୍ୟିକ ବିରେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରପାଲିରୁ ସାହିତ୍ୟିକ ମହେନ୍ଦ୍ର ମେହେର, ଭଟଲିରୁ କବୟିତ୍ରୀ ସୁଦ୍ରୁମା ପଣ୍ଡା, ଅମ୍ବାଭୋନାରୁ କବି ଅଲେଖ ପ୍ରଧାନ, ଭେଡେନରୁ କବି ରୋହିତ ମହାରଣା, ସ୍ୱାଧୀନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଜ୍ଞାନ ପ୍ରକାଶର ସାହିତ୍ୟ ଆସରକୁ ବରଗଡ଼ ଜିଲାର ସମସ୍ତ ବ୍ଲକରେ ପ୍ରସାର କରିବା ପାଇଁ ଉପସ୍ଥିତ କବୟିତ୍ରୀ, କବିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଅତାବିରାରେ କରା ମାଡ଼

ଅତାବିରା, ୧୭ା୩(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ମଙ୍ଗଳବାର ରାତ୍ରି ୮ଟା ୫ ମିନିଟରୁ କାଳବୈଶାଖୀ ଝଡ଼ ବତାସ ସହ କରା (କୁଆପଥର) ମାଡ଼ ହୋଇଛି । ବ୍ଲକର ଅତାବିରା, ସରଣ୍ଡା, ଚକୁଳି ଫାର୍ମ, ଭୋଇପାଲି, ଖଇରପାଲି, ଗୋଡ଼ଭଗା, ଦୁଲମପୁର, କୁମେଲସିଂହା ଆଦି ଗ୍ରାମରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଖବର ଲେଖା ହେବା (ରାତି ୯ଟା ୫୦ ଯାଏ) ସୁଦ୍ଧା ଝଡ଼ବତାସ ଓ ଝିପିଝିପି ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ଫସଲ କ୍ଷତି ହେବା ଆଶଙ୍କା ଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

# ଆକାଶବାଣୀ ଶ୍ରୋତାସଂଘର ପୁନର୍ଗଠନ

ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ)

ଆକାଶ ବାଣୀ ଶ୍ରୋତା ସଂଘ, ବରଗଡ଼ କମିଟି ରବିବାର ପୁନର୍ଗଠିତ ହୋଇଯାଇଛି। ନୂତନ କମିଟିରେ ଜଗନ୍ନାଥ ସାହୁ ସଭାପତି, ଗୋପୀନାଥ ଦଣ୍ଡସେନା ଉପ ସଭାପତି, କୃଷ୍ଣଚନ୍ଦ୍ର ପ୍ରଧାନ କାର୍ଯ୍ୟକାରୀ ସଭାପତି, ଅଶୋକ ସାହୁ ସମ୍ପାଦକ, ସୁଦାମ ସାହୁ ସହ ସମ୍ପାଦକ, ଦିଲ୍ଲୀପ ସାହୁ କୋଷାଧ୍ୟକ୍ଷ, ବିନୟ କୁମାର ସାହୁ ପ୍ରକଳ୍ପ ସଂଯୋଜକ, ଯୁଧିଷ୍ଠିର ମହାପାତ୍ର ମୁଖ୍ୟ ସଂଯୋଜକ, ବିମଳ ଦାଶ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଉମେଶ ବିଶ୍ୱାଳ, ଆକାଶବାଣୀ ସମ୍ବଲପୁର କେନ୍ଦ୍ର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍କ, କୈବର୍ତ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ବିଶିଷ୍ଟ କଳାକାର ଡ. ତପସ୍ୱିନୀ ଗୁରୁ, ବରିଷ୍ଠ ଶ୍ରୋତା ତଥା କବି ଲକ୍ଷ୍ମଣ ସୁନା ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମିଟିକୁ ସମ୍ପ୍ରସାରଣ କରାଯିବ ବୋଲି ସମ୍ପାଦକ ଅଶୋକ ସାହୁ ସୂଚନା ପ୍ରଦାନ କରିଛନ୍ତି।

# ଉଲ୍ଲାସ କାର୍ଯ୍ୟକ୍ରମ, ୫୮ କେନ୍ଦ୍ରରେ ୪୨୧୦ ପରୀକ୍ଷାର୍ଥୀ



ଉଲ୍ଲାସ କାର୍ଯ୍ୟକ୍ରମରେ ପରୀକ୍ଷା ଚାଲିଛି।

ବରଗଡ଼, ୧୭ା୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ରବିବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଡ. ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକର ୫୮ଟି ପରୀକ୍ଷା କେନ୍ଦ୍ରରେ ୪୨୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୫ ବର୍ଷ ବୟସରୁ ଅଧିକ ସମସ୍ତ ନିରକ୍ଷରଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ଉଲ୍ଲାସ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ)ଙ୍କ ସମେତ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ। ଏଥିପାଇଁ ୫୮ଟି ପରୀକ୍ଷା କେନ୍ଦ୍ରରେ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ପରୀକ୍ଷା ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।

# ବରମକେଲାରେ ଅଷ୍ଟକୁଞ୍ଜୀ ନାମଯଜ୍ଞ ସମ୍ପନ୍ନ



ବରମକେଲାରେ ଅଷ୍ଟକୁଞ୍ଜୀ ନାମଯଜ୍ଞ ।

ବରଗଡ଼/ବରପାଲି, ୧୭ା୩
(ପ୍ରେମାନନ୍ଦ ଖମାରୀ/ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା ଗ୍ରାମରେ ସୋମବାର ଅଷ୍ଟକୁଞ୍ଜୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାବା ଚୈତନ୍ୟ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ପୃଥକ ନାମଯଜ୍ଞ ମଣ୍ଡପ ହୋଇଥିଲା। ଲଳିତା ଦେବୀ କୁଞ୍ଜୀ, ରଙ୍ଗ ଦେବୀ କୁଞ୍ଜୀ, ଚମ୍ପକଲତା ଦେବୀ କୁଞ୍ଜୀ, ଇନ୍ଦୁଲେଖା ଦେବୀ କୁଞ୍ଜୀ, ବିଶାଖା ଦେବୀ କୁଞ୍ଜୀ, ଚିତ୍ରା ଦେବୀ କୁଞ୍ଜୀ, ତୁଙ୍ଗବିଦ୍ୟା ଦେବୀ କୁଞ୍ଜୀ ନାମରେ ସେଗୁଡ଼ିକ ନାମିତ ହୋଇଥିଲା। ସମସ୍ତ ମଣ୍ଡପରେ ଏକାସାଙ୍ଗରେ ୨୪ପ୍ରହରୀ ନାମଯଜ୍ଞ ଚାଲିଥିଲା। ସାଲେପାଲି, ବରମକେଲା, ପିପିଲିପାଲି, ପରମାଣପୁର, ଗ୍ରୀଣ୍ଡୋଲା ଓ ନୂଆପାଲି ଆଦି ଗ୍ରାମର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ରାସବିହାରୀ ମଠର ମୁଖ୍ୟ ମହନ୍ତ ବୃନ୍ଦାବନ ଦାଶ ମହାରାଜଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନରେନ୍ଦ୍ର ଭୋଇ ଓ ସୀମା ଭୋଇ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ସମ୍ପନ୍ନ

**ଲାଞ୍ଜିଗଡ଼, ୧୭ା୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ପାଟଖଣ୍ଡା ବୁଢାରଜାଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତିରେ ମଙ୍ଗଳବାର ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ପ୍ରଥମେ ଗାଁରୁ ବିଭିନ୍ନ ଶସ୍ୟ ଧାନ, ବିରି, ମୁଗ, କୋଳଥ, ମକା ସଂଗ୍ରହ କରି ନୂଆଁ ବାଉଁଶରେ ତିଆରି ୭ଟି ଟାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ସଂଗୃହୀତ ବିଭିନ୍ନ ବିହନକୁ ଗଜା ହେବାପାଇଁ ବାଲି ଟାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିବା ସହ ନିକଟ ଜଙ୍ଗଲରୁ ବେଲକଣ୍ଟା ଆଣି ଝାମେର ଦୋଳି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

# ବେଆଇନ କାର୍ଯ୍ୟ ଚାଲିଥିବା ଢାବାକୁ ଭାଙ୍ଗିଲା ପ୍ରଶାସନ

ବରପାଲି, ୧୭ା୩( ଚିତ୍ତରଞ୍ଜନ ସାହୁ)



ବରପାଲି ବଲାଙ୍ଗୀର ଜାତୀୟ ରାଜରାସ୍ତା ଉପରେ ବେଆଇନ ଭାବରେ ଥିବା ଏକ ଢାବାକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। କିଛିଦିନ ପୂର୍ବରୁ ଉକ୍ତ ଢାବାରୁ ପୋଲିସ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଥିଲା। ଏହି ଢାବାରେ ପୁଣି ଅନୈତିକ କାମଗୁଡ଼ିକ ହେବା ସାଙ୍ଗକୁ ଧଳା ଜହର ମଧ୍ୟ ବିକ୍ରି ହୋଇଥିବା ଜଣା ପଡ଼ିବା ପରେ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଏହାକୁ ଭାଙ୍ଗି ଦିଆଯାଇଛି। ବରପାଲି ପ୍ରଶାସନ ପକ୍ଷରୁ ତହସିଲଦାର ରୁକ୍ମଣ ମେହେର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ତହସିଲ ସୁପରଭାଇଜର ସସ୍ମିତା ଭୋଇ, ବବିତା ବହିଦାର, ଟିକେଶ୍ୱର ମଲ୍ଲିକଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତିରେ ଉକ୍ତ ଢାବାକୁ ମାଟିରେ ମିଶାଇ ଦିଆଯାଇଥିଲା।

# ବନ୍ଦଥିବା ୧୫,୬୩୨ ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବି

ପଦ୍ମପୁର, ୧୭ା୩(ପ୍ରଦୀପ୍ତ ଦାଶ)

ସଂସଦର ବଜେଟ ଅଧିବେଶନରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ଭାରତ ତଥା ଓଡ଼ିଶାର ଆଦିବାସୀ, ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ବିକାଶ ପାଇଁ ମଙ୍ଗଳବାର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଆଦିବାସୀ ଡ୍ୟାମ ପ୍ରୋଜେକ୍ଟ, ଖଣି ଖାଦାନ, ଶିଳ୍ପ କାରଖାନା, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଅଭୟାରଣ୍ୟ ଭଳି ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଛନ୍ତି ବୋଲି ଏମ୍‌ପି ବିଶି କହିଥିଲେ। ଦେଶର ଝାରଖଣ୍ଡ, ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ରାଜ୍ୟରେ ଆଦିବାସୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି।



ସର୍ଦ୍ଦାର ସରୋବର ଡ୍ୟାମ ପ୍ରକଳ୍ପରେ ୮୫ ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଥିବା ବେଳେ ପୋଲାଭରମ୍ ନଦୀବନ୍ଧ ଯୋଜନାରେ ୩୦୦ ଗାଁର ଆଦିବାସୀ ବିସ୍ଥାପିତ। ଓଡ଼ିଶାରେ ଆଦିବାସୀ ଗାଁଗୁଡ଼ିକରେ ୧୫,୬୩୨ ସରକାରୀ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ସେହି ସ୍କୁଲ ପୁଣି ଆରମ୍ଭ କରିବାକୁ ଭାରତ ସରକାର ପାଣ୍ଠି ବିନିଯୋଗ କରନ୍ତୁ ବୋଲି ଏମ୍‌ପି ବିଶି ଦାବି କରିଥିଲେ। ସେହିପରି ବେସରକାରୀ ଇଂଲିଶ୍ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଏସ୍‌ଟି ଏସ୍‌ସି ଛାତ୍ରୀଛାତ୍ର ନିଃଶୁଳ୍କ ପାଠ ପଢ଼ିବାର ସୁଯୋଗ ପାଉଥିଲେ। ୨ବର୍ଷ ହେଲା ଏହି ଯୋଜନା ବନ୍ଦ ରହିଛି, ତେଣୁ ପାଣ୍ଠି ମଞ୍ଜୁର କରାଯାଉ। ବିଏସ୍‌ସି ନର୍ସିଂ ଓ ଜିଏନ୍‌ଏମ୍ କୋର୍ସ ପଢୁଥିବା ଏସ୍‌ଟି ଏସ୍‌ସି ଛାତ୍ରୀଛାତ୍ରମାନଙ୍କୁ ବର୍ଷକୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା, କିନ୍ତୁ ୨ ବର୍ଷ ହେଲା ବନ୍ଦ ହୋଇଯାଇଛି। ସେଥିପାଇଁ ଅତିରିକ୍ତ ବଜେଟ ବ୍ୟବସ୍ଥା କରି ସେମାନଙ୍କୁ ପାଣ୍ଠି ଦିଆଯାଉ। ଲଘୁ ବନଜାତ ଦ୍ରବ୍ୟ ମହୁଲ, ଝୁଣା, ହରିଡ଼ା, ବାହାଡ଼ା, ଅଁଳା ଆଦି ସଂଗ୍ରହ କରି ବିକ୍ରୟ କରି ଜୀବନ ଜୀବିକା ନିର୍ବାହ କରୁଥିବା ଆଦିବାସୀମାନଙ୍କ ପାଇଁ ଏମ୍‌ଏସ୍‌ପି ଏବଂ ଇନ୍‌ପୁଟ ସବ୍‌ସିଡି ଦିଆଯାଉ ବୋଲି ଦାବି କରିଥିଲେ। ଆଦିବାସୀ ଦଳିତ ଏବଂ ସମାଜର ପଛଧାଡ଼ିରେ ଥିବା ଲୋକଙ୍କ ବିକାଶ ନ ହେଲେ ସେମାନେ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ନାହିଁ। ବାବାସାହେବ ଭୀମ ରାଓ ଆମ୍ବେଡକରଙ୍କ ସ୍ୱପ୍ନ ଏବଂ ଲକ୍ଷ ପୂରଣ କରିବାକୁ ହେଲେ ପଛୁଆ ବର୍ଗର ବିକାଶ ଜରୁରୀ ଏ ଦିଗରେ ସରକାର ଯତ୍ନବାନ ହେବା ଉଚିତ ବୋଲି ଏମ୍‌ପି ବିଶି କହିଥିଲେ।

## ସଂକ୍ଷେପରେ

### ହାତୀ ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

**ରାଉରକେଲା, ୧୭।୩(ସଙ୍ଗୀତା ଜେନା):** ସୋମବାର ରାତି ୯ଟାରେ ରାଉରକେଲା ବନ ବିଭାଗ ଅନ୍ତର୍ଗତ କଲୁଙ୍ଗାଠାରୁ ପାନପୋଷ ଷ୍ଟେଶନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ହାତୀ ରେଳ ଧାରଣାରେ ଯାତାୟାତ କରୁଥିବା ଜଣାପଡିବା ପରେ ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ରେଲୱେ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଥିଲା। ଏହାର କିଛି ସମୟ ପରେ ଉକ୍ତ ଟ୍ରାକ୍‌ରେ ଟ୍ରେନ ଚଳାଚଳ ବନ୍ଦ ହୋଇଥିଲା। ହାତୀଟି ରେଳ ଟ୍ରାକ୍ ଅତିକ୍ରମ କରିସାରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଦିଲୀପଙ୍କୁ ସ୍ୱାଗତ ଜଣାଇଲା ମ୍ୟୁନିସିପାଲ ଏମ୍ପ୍ଲୟିଜ୍ ଆସୋସିଏଶନ

**ରାଉରକେଲା, ୧୭।୩(ଦିନେଶ ମିଶ୍ର):** ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲଇଜ୍ ୟୁନିୟନର ମୁଖ୍ୟ ଉପଦେଷ୍ଟା ଦିଲୀପ ରାୟ ରାଜ୍ୟସଭା ସଦସ୍ୟ ଭାବେ ବିଜୟୀ ହୋଇଥିବାରୁ ମଙ୍ଗଳବାର ତାଙ୍କୁ ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲୟିଜ୍ ୟୁନିୟନ ସଭାପତି ସତ୍ୟାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ଅଞ୍ଜନ କୁମାର ଦାସ, ରସାନନ୍ଦ ନାୟକ, ଇସ୍ରାର ଆଲାମ ଖାନ, ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କୁ ମିଳୁନି ମୌଳିକ ସୁବିଧା

#### ଆର୍‌ଡିଏ ମାର୍କେଟ କମ୍ପ୍ଲେକ୍ସ

**ରାଉରକେଲା, ୧୭।୩(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଆର୍‌ଡିଏ ମାର୍କେଟ କମ୍ପ୍ଲେକ୍ସରୁ ଆଦାୟ ହେଉଛି ଲକ୍ଷାଧିକ ଟଙ୍କାର ରାଜସ୍ୱ। କିନ୍ତୁ ବ୍ୟବସାୟୀଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଆର୍‌ଡିଏ ମାର୍କେଟରେ ମୋଟ ୪୭ଟି ଦୋକାନ ରହିଛି। ଏହି ମାର୍କେଟ କମ୍ପ୍ଲେକ୍ସରୁ ମାସକୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବାବେଳେ ଏଠାରେ ଦୋକାନୀମାନଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଠାରେ ଅଳିଆ ଆବର୍ଜନା ପକାଇବାକୁ କୌଣସି ଡଷ୍ଟବିନ ନାହିଁ। ମାର୍କେଟ ପରିସରରେ ଥିବା ପାଣି ଟ୍ୟାପ୍ ଅଚଳ ହୋଇ ପଡିଛି। ସେହିପରି ଡ୍ରେନ ବ୍ୟବସ୍ଥା ମଧ୍ୟ ଶୋଚନୀୟ। ଏହି ମାର୍କେଟରେ ଥିବା ଡ୍ରେନେଜକୁ ସଫେଇ କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ନେଇ ଆର୍‌ଡିଏର ସମ୍ପାଦକ ଲଙ୍କେଶ୍ୱର ଅମାତଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ମାର୍କେଟର ବିଭିନ୍ନ ସମସ୍ୟା ଦୂର କରାଯିବ ବୋଲି କହିଥିଲେ।

### ଶିବିରରେ ୮୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରାଉରକେଲା, ୧୭।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ଝରଣା ବସ୍ତିରେ ମଙ୍ଗଳବାର ଏକତା ସେବା କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସେବାକେନ୍ଦ୍ର ସଭାପତି ମୁନି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବରିଷ୍ଠ ଚକ୍ଷୁ ଡାକ୍ତର ରାମଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୮୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। ଗୋବିନ୍ଦ ପ୍ରଧାନ, ସିଲୁ ପାଢ଼ୀ, ବବିତା ମାଝୀ ସହଯୋଗ କରିଥିଲେ। ସହ ସମ୍ପାଦିକା ଜୁଲିଆ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା ଭଲିବଲ୍ ଚାମ୍ପିୟନ ଟିମ୍‌କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୭।୩(ସଙ୍ଗୀତା ଜେନା):** କଟକରେ ଆୟୋଜିତ ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲି ଫେଷ୍ଟ-୨୦୨୬ରେ ସୁନ୍ଦରଗଡ ମହିଳା ଭଲିବଲ୍ ଦଳ ଚାମ୍ପିୟନ ହୋଇ ସୁନ୍ଦରଗଡ ଜିଲାକୁ ଗୌରବାନ୍ୱିତ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ସେକ୍ଟର-୬ସ୍ଥିତ ବସ୍ତିଆ ସ୍ମୃତି ସଦନର ଅଡିଟୋରିୟମରେ ଏକ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଏଥିରେ ହେମନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି, ଇଂ. ଗୌତମ ମିଶ୍ର, ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତିମୟୀ ସେଠ୍ ଓ ମନ୍ମଥ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନିଆ ମୁଣ୍ଡାରୀ, ଦୀପିକା ମୁଣ୍ଡା, ବିଏଲ ଜ୍ୟୋତ୍ସ୍ନା, ସବିତା ମୁଣ୍ଡାରୀ, ଆଶା ସେଠ୍, ରିତିଶା ଲାକ୍ରା, ସ୍ନେହା ଖେଡିଆ, ସୁନିତା କୁମ୍ଭାର ଓ ପୂଜା ଓରାମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଞ୍ଜୀବ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀନ୍‌ଫିଲ୍ଡ ସମ୍ପ୍ରସାରଣ ପାଇଁ ଚୁକ୍ତିନାମା

**ରାଉରକେଲା, ୧୭।୩(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପାଇଁ ସମ୍ଭାବ୍ୟ ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର) ପ୍ରସ୍ତୁତି ପାଇଁ ଆର୍‌ଏସ୍‌ପି ସୋମବାର ରାଞ୍ଚିସ୍ଥିତ ମେକନ୍ ଲିମିଟେଡ ସହ ପରାମର୍ଶଦାତା ନିଯୁକ୍ତିର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଆର୍‌ଏସ୍‌ପିର ପ୍ରକଳ୍ପ ବିଭାଗର ସିଜିଏମ୍ ରାହୁଲ ଅଗ୍ରୱାଲ ଏବଂ ପ୍ରକଳ୍ପ (ବାଣିଜ୍ୟିକ) ବିଭାଗର ସିଜିଏମ ଏ. କେ. ସାହୁଙ୍କ ସହ ଆର୍‌ଏସ୍‌ପି ଏବଂ ମେସର୍ସ ମେକନ୍ ଲିମିଟେଡ୍‌ର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ପରାମର୍ଶ ଚୁକ୍ତିନାମା ଏକ ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାପନ ମାଧ୍ୟମରେ ଆର୍‌ଏସ୍‌ପିର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୫ ନିୟୁତ ଟନ୍ ଏବଂ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ୫.୧୫ ନିୟୁତ ଟନ ବୃଦ୍ଧି କରିବା ପାଇଁ ପରିକଳ୍ପନା କରାଯାଇଛି। ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ପରିସର ମଧ୍ୟରେ ସମ୍ଭାବ୍ୟତା ରିପୋର୍ଟ ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ମୃତ୍ତିକା ଅନୁସନ୍ଧାନ କାର୍ଯ୍ୟ, ଭୂପୃଷ୍ଠ ସର୍ବେକ୍ଷଣ, ଆର୍‌ଏସ୍‌ପିର ସମ୍ପ୍ରସାରଣ ନିମନ୍ତେ ପରିବେଶଗତ ମଞ୍ଜୁରୀ ହାସଲ କରିବା ଅନ୍ତର୍ଭୁକ୍ତ ରହିଛି। ଏକ ପ୍ରମୁଖ ଇଞ୍ଜିନିୟରିଂ ପରାମର୍ଶଦାତା ସଂସ୍ଥା ଭାବେ ମେକନ୍ ଲିମିଟେଡ ନିୟୋଜିତ ହେବା ଆର୍‌ଏସ୍‌ପିର ସମ୍ପ୍ରସାରଣ ପଦକ୍ଷେପ ପାଇଁ ବ୍ୟାପକ ବୈଷୟିକ-ଅର୍ଥନୈତିକ ମୂଲ୍ୟାଙ୍କନ ଏବଂ ବିସ୍ତୃତ ଯୋଜନାକୁ ସହଜ କରିବ। ଚୁକ୍ତିନାମା ଅନୁଯାୟୀ କରାଯାଇଥିବା ଅଧ୍ୟୟନ ଏବଂ ସର୍ଭେ ଆର୍‌ଏସ୍‌ପିର ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ବୈଷୟିକ ଇନ୍‌ପୁଟ୍ ଏବଂ ବୈଧାନିକ ମଞ୍ଜୁରୀ ମଧ୍ୟ ପ୍ରଦାନ କରିବ ବୋଲି କୁହାଯାଇଛି।



ଚୁକ୍ତିନାମା ସ୍ୱାକ୍ଷର ସମୟରେ ଉପସ୍ଥିତ ବରିଷ୍ଠ ଅଧିକାରୀ।

# ଷ୍ଟେଶନରେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା, ୧୭।୩(ସଙ୍ଗୀତା ଜେନା)**

ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା ଷ୍ଟେଶନରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ଲାଟଫର୍ମ ନଂ-୨ରେ ଥିବା ଏକ ସେଡ୍ ରେଲିଂରେ ଜଣେ ଯୁବକ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଉକ୍ତ ସ୍ଥାନ ଦେଇ ଲୋକେ ଯାଆସ କରୁଥିଲେ ମଧ୍ୟ କେହି ଉକ୍ତ ଯୁବକଙ୍କୁ ରୋକି ନ ଥିଲେ। ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଯୁବକ ମୃତ୍ୟୁବରଣ କରିଥିଲେ। ରେଲୱେ ଓ ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହକୁ ଆର୍‌ଜିଏଚ୍ ମର୍ଗହାଉସରେ ରଖାଯାଇଛି। ମୃତକଙ୍କ ପରିଚୟ ଜଣାପଡିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦିନ ସାଢ଼େ ୧୧ଟାରୁ ୧୨ଟା ମଧ୍ୟରେ ଏହି ଅପରିଚିତ ଯୁବକ ପ୍ଲାଟଫର୍ମ ନଂ-୨ର ଏକ ସେଡ୍‌ରେ ଚଢି ଫାଶ ଲଗାଇ ଝୁଲିପଡ଼ିଥିଲେ। ଏହି ସମୟରେ ସେହି ବାଟ ଦେଇ କିଛି ଲୋକ ଯାଉଥିଲେ ମଧ୍ୟ କେହି ତାଙ୍କୁ ବଞ୍ଚାଇବାକୁ ଆସି ନ ଥିଲେ। ଅପରପକ୍ଷେ ଆର୍‌ପିଏଫ୍ ଇନ୍ସପେକ୍ଟର ସି.ସମଦ୍ଦାର କହିଛନ୍ତି, ଏପରି ମାମଲା ଉଦ୍‌ବେଗଜନକ। ଉକ୍ତ ପ୍ଲାଟଫର୍ମର ଶେଷ ସ୍ଥାନରେ ଘଟଣା ଘଟିଲା। ଆତ୍ମହତ୍ୟାସ୍ଥଳର ଏକ ପାର୍ଶ୍ୱରେ ମାଲବାହୀ ଟ୍ରେନ ଅଟକିଥିଲା। ଫଳରେ ଯୁବକଙ୍କ ଏପରି କାର୍ଯ୍ୟକଳାପ କାହାକୁ ଦେଖାଯାଇ ନ ଥିଲା। ସେ ବାହାର ଅଞ୍ଚଳର ଅନୁମାନ କରାଯାଉଛି ବୋଲି ସମଦ୍ଦାର କହିଥିଲେ।

# ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ରାଉରକେଲା, ୧୭।୩(ଦିନେଶ ମିଶ୍ର)**

ଉଦିତନଗରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଉତ୍କୃଷ୍ଟ କେନ୍ଦ୍ରର ୭୦ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଡକ୍ଟର ମୁରଲୀଧର ବେହେରା ମୁଖ୍ୟ ଅତିଥି, ଆଇଜିଏଚ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ସଞ୍ଜୟ କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଉଦିତନଗର ହାଇସ୍କୁଲର ଆଲୁମିନି ଆସୋସିଏଶନ ସଭାପତି ପ୍ରତାପ ଶେଖର ନାୟକ, ସ୍କୁଲ ପରିଚାଳନା ସମିତି ସଭାପତି ବିନ୍ଧୁ ମାଝୀ ଓ ଅମାତ୍ୟ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ନବାରଣ' ଉନ୍ମୋଚିତ ହୋଇଥିଲା। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକ, ସିପ୍ରା ପ୍ରଧାନ ଓ ଆଶିଷ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାତୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

## ନାଟକରେ ସୁରକ୍ଷା ସଚେତନତା

**ରାଉରକେଲା, ୧୭।୩ (ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅନ୍ତର୍ଗତ ସିଣ୍ଟର ପ୍ଲାଣ୍ଟ-୧ଠାରେ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ପ୍ରସାର କରିବା ପାଇଁ ଏକ ନାଟକ ମଞ୍ଚସ୍ଥ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଣ୍ଟର ବିଭାଗର ସିଜିଏମ ଶେଖର ନାରାୟଣ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ଏସ୍‌ପି-୧ ବିଭାଗର ଜିଏମ ଏସ୍. ଚକ୍ରବର୍ତ୍ତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ନିରାପଦ କାର୍ଯ୍ୟ ଅଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା ଏବଂ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ବଜାୟ ରଖିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ସୁରକ୍ଷା ସର୍ବୋପରି' ଶୀର୍ଷକ ଉକ୍ତ ନାଟକଟି ସାଧାରଣ କର୍ମକ୍ଷେତ୍ରରେ ଆପଦ, ନିରାପଦ କାର୍ଯ୍ୟ ଅଭ୍ୟାସ ଏବଂ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବେ ଚିତ୍ରଣ କରିଥିଲା। ଏହି ନାଟକଟି ପି. କେ. ଦାଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ପ୍ରଶିକ୍ଷାର୍ଥୀ ଡୋଲିଶ୍ୱର ମିର୍ଦ୍ଧା, କରଣ ଓରାମ, ଘନଶ୍ୟାମ ଗୋଣ୍ଡା, ଠିକା କର୍ମଚାରୀ ସୁଶ୍ରୀ ସୁଜାତା ଏକ୍କା, ସୁଶ୍ରୀ ଶକୁନ୍ତଳା ଭୂମିଜ ଏବଂ ସୁଶ୍ରୀ ଆୟେସା ଟପ୍ପୋଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଶେଖର ନାରାୟଣ ଠିକା ଶ୍ରମିକମାନଙ୍କୁ ସମ୍ମାନିତ କରିଥିଲେ। ଏଜିଏମ ପି. କେ. ଦାଶ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଏସ୍‌ପି-୧ ବିଭାଗର ଜିଏମ୍ ସଞ୍ଜୟ ତଲୱାର ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ 'କାହ୍ନୁରେ' ମଞ୍ଚସ୍ଥ



ପରିବେଷିତ ନାଟକର ଏକ ଦୃଶ୍ୟ।

**ରାଉରକେଲା, ୧୭।୩ (ବିପ୍ଲବ ରଞ୍ଜନ ଦାଶ)**

ପ୍ରତିବିମ୍ବ ନାଟ୍ୟ ସଙ୍ଗମର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗମଞ୍ଚ ଅନୁଷ୍ଠାନ ପକ୍ଷରୁ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ଓ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅନୁସୃଜନ ଓ ନିର୍ଦ୍ଦେଶନାରେ ନାଟକ 'କାହ୍ନୁରେ' ମଞ୍ଚସ୍ଥ ହୋଇଛି। ସିଭିକ ସେଣ୍ଟର୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀପକ କୁମାର ମହାନ୍ତିଙ୍କ ମଞ୍ଚ ସଂଯୋଜନାରେ ଡାକ୍ତର କିରଣ ମିଶ୍ର, ସୁଧାଂଶୁ ଦ୍ୱିବେଦୀ, ରାଜୀବ ପାଣି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୋମନାଥ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଓ ବାବାନାଥ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା। ନାଟକରେ ପ୍ରସନ୍ନ କୁମାର ମହାନ୍ତି, ସୌମ୍ୟ ରଞ୍ଜନ ଲେଙ୍କା, ସୁଜିତ କୁମାର ନାୟକ, ସଂଗ୍ରାମ ପତି, ଅକ୍ଷୟ କୁମାର ମାଝୀ, ଆନନ୍ଦ ବାଗ, ସୌମ୍ୟ ସାହୁ, ଅଜିତ ସ୍ୱାଇଁ, ସିଦ୍ଧାର୍ଥ ଦାସ, କ୍ରିଷ୍ଣା ରାଉତ, ପ୍ରଜ୍ଞା ପାରମିତା ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିଲେ। ଉପସଭାପତି ଶିଶିର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଭଲିବଲ୍ ଚାମ୍ପିୟନ ଟିମ୍‌କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୭।୩(ସଙ୍ଗୀତା ଜେନା)**

କଟକରେ ଆୟୋଜିତ ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲି ଫେଷ୍ଟ-୨୦୨୬ରେ ସୁନ୍ଦରଗଡ ମହିଳା ଭଲିବଲ୍ ଦଳ ଚାମ୍ପିୟନ ହୋଇ ସୁନ୍ଦରଗଡ ଜିଲାକୁ ଗୌରବାନ୍ୱିତ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ସେକ୍ଟର-୬ସ୍ଥିତ ବସ୍ତିଆ ସ୍ମୃତି ସଦନର ଅଡିଟୋରିୟମରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି, ଇଂ. ଗୌତମ ମିଶ୍ର, ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତିମୟୀ ସେଠ୍ ଓ ମନ୍ମଥ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ଦଳଗତ ଚାମ୍ପିୟନକୁ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଟିମ୍‌ରେ ସୁନିଆ ମୁଣ୍ଡାରୀ, ଦୀପିକା ମୁଣ୍ଡା, ବିଏଲ ଜ୍ୟୋତ୍ସ୍ନା, ସବିତା ମୁଣ୍ଡାରୀ, ଆଶା ସେଠ୍, ରିତିଶା ଲାକ୍ରା, ସ୍ନେହା ଖେଡିଆ, ସୁନିତା କୁମ୍ଭାର ଓ ପୂଜା ଓରାମ ପ୍ରମୁଖ ରହିଛନ୍ତି। ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଖେଳାଳି।

# ୨୨୨ ହିତାଧିକାରୀଙ୍କୁ ମିଳୁନି ଥଇଥାନ

**ରାଉରକେଲା, ୧୭।୩(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହରରେ ବାସହୀନ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ଥଇଥାନ କରିବା ପାଇଁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସରକାର ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ସୁଲଭ ବାସଗୃହ ନିର୍ମାଣ କରିଛନ୍ତି। ଏହାସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସହରର ୨୨୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଥଇଥାନ କରାଯାଇପାରିନାହିଁ। ଫଳରେ ଯୋଗ୍ୟ ହିତାଧିକାରୀମାନଙ୍କ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି।

ରାଉରକେଲା ସହରରେ ବାସଗୃହ ଅଭାବ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ତତ୍ତ୍ୱାବଧାନରେ ୨୦୧୭ରେ ଛେଣ୍ଡ ଚିନ୍ମୟ ଛକ ନିକଟରେ ୩.୩୦ ଏକର ଜମିରେ ରାଜ୍ୟ ଗୃହ ନମାଣ ବିଭାଗ ପକ୍ଷରୁ ୩୨କୋଟି ୫୮ଲକ୍ଷ ଟଙ୍କା ବ୍ୟୟରେ ୪ଟି ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କରାଗଲା। ଏଥିରେ ବିଦ୍ୟୁତ୍ କଲୋନି, ମନଟୋଲା, ପାନପୋଷ ଏବଂ ବଙ୍ଗଲାଟୋଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଥଇଥାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବାସଗୃହ ଯୋଗାଇବା ପାଇଁ ଲଟେରୀ କରାଗଲା ଏବଂ ୫ଶହ ଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକା ପ୍ରକାଶିତ ହେଲା। ଏହାପରେ ହିତାକାରୀମାନଙ୍କୁ ଗୃହ ବାବଦକୁ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ଜମା କରିବାକୁ କୁହାଗଲା। ମାତ୍ର ଇତିମଧ୍ୟରେ ୨୭୮ଜଣ ଆର୍ଥିକ ଦୁର୍ବଳ ଶ୍ରେଣୀର ହିତାଧିକାରୀ ସୁଲଭ ବାସଗୃହ ପାଇ ସାରିଥିବାବେଳେ ଅବଶିଷ୍ଟ ୨୨୨ ହିତାଧିକାରୀ ଏଯାଏଁ ଥଇଥାନ ହୋଇନାହାନ୍ତି । ଏ ସମ୍ପର୍କରେ ଆର୍‌ଡିଏର ମୁଖ୍ୟ ସଚିବ ଲଙ୍କେଶ୍ୱର ଅମାତଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ଯେଉଁଳି ଶୀଘ୍ର ଗୃହ ଆବଣ୍ଟନ କରାଯିବ ସେ ନେଇ କାଗଜ ତନଖି କାମ ଚାଲିଛି । ଖୁବଶୀଘ୍ର ଅନ୍ୟ ଯୋଗ୍ୟ ହିତାଧିକାରୀ ମଧ୍ୟ ଥଇଥାନ ହେବେ ବୋଲି ଅମାତ କହିଥିଲେ।

# ହୃଷୀକେଶ ରାୟ କଲେଜରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ରାଉରକେଲା, ୧୭।୩(ସଙ୍ଗୀତା ଜେନା)**

ଛେଣ୍ଡସ୍ଥିତ ହୃଷୀକେଶ ରାୟ କଲେଜର ଏନ୍‌ସିସି ୟୁନିଟ୍ ପକ୍ଷରୁ ମଙ୍ଗଳବାର ସକାଳ ୯ଟାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଜନସଚେତନତା ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ କଲେଜ ପରିସରରୁ ବାହାରି ଡିଏଭି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଲେଜ ଅଧ୍ୟକ୍ଷ ବି. ଏନ୍. ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ରାଜଲକ୍ଷ୍ମୀ ଦାସ, କହ୍ନେଇଲାଲ ଅଗ୍ରୱାଲ, ସସ୍ମିତା ଦାସ, ଆକାଶ ସାଓ, ଡ. ଅର୍ଚ୍ଚନା ନନ୍ଦ, ସାଗରିକା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସ୍ଥାନୀୟ ଲୋକଙ୍କୁ ଟ୍ରାଫିକ୍ ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ସଦସ୍ୟ।

# ପଥପ୍ରାନ୍ତ ନାଟକରେ ଜଙ୍ଗଲ ନିଆଁ ନିବାରଣ ବାର୍ତ୍ତା

**ରାଉରକେଲା, ୧୭।୩(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ବନଖଣ୍ଡ ପକ୍ଷରୁ କୁଆଁରମୁଣ୍ଡା ଓ ପାନପୋଷ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧମୁଣ୍ଡା ଦୈନିକ ବଜାର, କଲୁଙ୍ଗା ସାପ୍ତାହିକ ହାଟ, ରାମଯୋଡି ହାଟ ଓ ଜଲଦା ହାଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ କଳାକାରମାନେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଲୋକମାନେ ଶୁଖିଲା ପତ୍ରରେ ନିଆଁ ନ ଲଗାଇବା ଓ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ସମ୍ମତି ଜଣାଇଥିଲେ। ବନ୍ଧମୁଣ୍ଡା ଫରେଷ୍ଟର ଗୀତାଞ୍ଜଳି ସେଠି, କଲୁଙ୍ଗା ଫରେଷ୍ଟର ଜୟନାରାୟଣ ପ୍ରଧାନ, ଫରେଷ୍ଟ ଗାର୍ଡ ମଞ୍ଜୁ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।




ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି।

# 'ଜ୍ଞାନ ଥିଲେ ପେଟ ଅପୋଷା ରହିବନି'

**ରାଉରକେଲା, ୧୭।୩ (ବିପ୍ଲବ ରଞ୍ଜନ ଦାଶ)**

ଜ୍ଞାନ ଥିଲେ ପେଟ ଅପୋଷା ରହିବନି ଓ ପାଠ ସହ ଆଦର୍ଶକୁ ଯୋଡିବାକୁ ପଡିବ ବୋଲି କଷ୍ଟ ମ୍ୟାନେଜମେଣ୍ଟ ଆକାଉଣ୍ଟର ପ୍ରାକ୍ତନ ସଭାପତି ସିଏମ୍‌ଏ ବିଭୂତି ଭୂଷଣ ନାୟକ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଛନ୍ତି। ସେକ୍ଟର-୨୦ ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାରେ ନାୟକ ଉକ୍ତ ମନ୍ତବ୍ୟ ଦେଇଥିଲେ। ଏଥିସହ କଷ୍ଟ ମ୍ୟାନେଜମେଣ୍ଟ ଆକାଉଣ୍ଟ ଶିକ୍ଷା କିପରି ସ୍ୱଳ୍ପ ବ୍ୟୟରେ ସୁଦୂର ପ୍ରସାରୀ ଓ ପ୍ରଭିବଶାଳୀ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ଓ ବୃତ୍ତିଗତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ମ୍ୟାନେଜମେଣ୍ଟ ପାଇଁ ଇଂରାଜୀର ୫ଟି ଏମ୍‌ର ଆବଶ୍ୟକ ପଡ଼ିଥାଏ। ସେଗୁଡିକ ହେଲା ମ୍ୟାନ୍, ମେଟେରିଆଲ, ମନି, ମେଥଡ୍ ଓ ମେଶିନ। ଏହାସହ ସେ ଶିକ୍ଷାର ମୂଳଲକ୍ଷ୍ୟ ଓ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଗତି ସିଂଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍‌ଏ ଆରତୀ ଗାଙ୍ଗୁଲି, ସିଏମ୍‌ଏ ଅବିନାଶ କୋଟନୀ ଏବଂ ଇସ୍ପାତ ବିଦ୍ୟାମନ୍ଦିରର ଶିକ୍ଷକ ପାର୍ଥସାରଥୀ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବିଦ୍ୟାମନ୍ଦିରର ଅଧକ୍ଷା ଶିବଦତ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଡ. ଖୁସବୁ ଜ୍ୟୋତି, ସୁଚିନ୍ଦ୍ରନ ସେନଗୁପ୍ତ, ଯଶବିନ୍ଦର କୌର, ମୀନାକ୍ଷୀ ପାଢ଼ୀ, ନୟନ ବେହୁରିଆ ପ୍ରମୁଖ ସହଯୋଗ କରିଥିଲେ।




ସଭାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନାକଟିଦେଉଳ/ରେଢ଼ାଖୋଲ, ୧୭।୩ (ବୈକୁଣ୍ଠନାଥ ସାହୁ/ସନ୍ତୋଷ ବଘାର)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ତଥା ରେଢ଼ାଖୋଲ ଥାନା ଶିମିଳିପାଳ ହରିଜନ ପଡାର ଜଣେ ଯୁବକ ମଙ୍ଗଳବାର ନିକଟସ୍ଥ ନାଳରେ ଗାଧୋଇବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ସଦାଶିବ ଡାଙ୍ଗ(୩୮। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟାରେ ସଦାଶିବ ତାଙ୍କ ଘର ପଛ ପାଖ ଶିହିଳିଆ ନାଳକୁ ଗାଧୋଇବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ସଦାଶିବଙ୍କ ମୃତଦେହ ନାଳ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଦମକଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ସମ୍ବଲପୁର, ୧୭।୩ (ବି.ଶଙ୍କର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମଙ୍ଗଳବାର ବୁର୍ଲାସ୍ଥିତ ନେତାଜୀ ଛକଠାରେ ସ୍ମୃତି ସମିତି ପକ୍ଷରୁ ଖିଚିଡି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ରୋଗୀ ପରିଜନଙ୍କୁ ଏହି ଖାଦ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଓ ସୁଧିର କୁମାର ବହିଦାର ଶୁଭାରମ୍ଭ କରିଥିଲେ। ଏଥିରେ ପୂର୍ବତନ କାଉନସିଲର ରମାକାନ୍ତ ସାହୁ, ଉମେଶ ଚନ୍ଦ୍ର ବଳ ଓ ପ୍ୟାରୀମୋହନ ପୂଜାହାରୀ, ଭାଜପା ବୁର୍ଲା ମଣ୍ଡଳ ସଭାପତି ଆକାଶ ଆଚାର୍ଯ୍ୟ, ଦେବାଶିଷ ନନ୍ଦ, ରୋହନ ମିଶ୍ର, ଜଗଜିତ ସିଂ, ତ୍ରିଲୋଚନ ସିଂ, ଜିତୁ ଲାମା, ବସନ୍ତ ମେହେର, ଲଳିତ ଲୁହା, କୁନମୁନ ମହାନ୍ତି, ଶାନ୍ତି ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାକ୍ଷୀପଡ଼ା ଇଦ୍‌ଗାରେ ଇଦ୍ ନମାଜ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୭।୩ (ବି.ଶଙ୍କର)

ସମ୍ବଲପୁର ସହର ସାକ୍ଷୀପଡା ଇଦଗା ପରିଚାଳନା କମିଟି ପକ୍ଷରୁ ଇଦ ନମାଜ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇଦଗାଠାରେ ପରିଚାଳନା କମିଟି ସଭାପତି ଏମଡି ଜୁଲଫିକର ଭୁଟ୍ଟୋଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ଇଦ ନମାଜକୁ ସୂଚାରୁ ଭାବେ ଆୟୋଜନ ନିମନ୍ତେ ସଦସ୍ୟମାନେ ମତ ରଖିଥିଲେ। ଚଳିତ ମାସ ୧୯ ତାରିଖ ଗୁରୁବାର ଯଦି ଚନ୍ଦ୍ର ଦର୍ଶନ ହେବ, ତାହା ହେଲେ ମାର୍ଚ୍ଚ ୨୦ ଶୁକ୍ରବାର ସକାଳ ୭ଟା୨୦ରେ ନମାଜ ଆରମ୍ଭ ହେବ। ନଚେତ ମାର୍ଚ୍ଚ ୨୧ ତାରିଖ ଶନିବାର ସକାଳ ୭ଟା୨୦ରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ କାର୍ଯ୍ୟକ୍ରମ ହେବାକୁ ବୈଠକରେ ସ୍ଥିର ହୋଇଛି । ବୈଠକରେ ଇଦଗା ପରିଚାଳନା କମିଟି ସମ୍ପାଦକ ଏସ.କେ. ସକାଉତୁଲ୍ଲା, ଉପସଭାପତି ଅଶରଫ ଖାନ, ଯୁଗ୍ମସମ୍ପାଦକ ଏମଡି ମୁଜଫର, ସଦସ୍ୟ ହାଜି ଆରିଫ ହୁସେନ, ଏସକେ ଲାୟକ ଅଲ୍ଲୀ, ଏମଡି ନୱାବ, ଏମଡି ହାସିମ, ଏମଡି ରହିମ, ଏମଡି ଅମିନ ସୂଚନା ଦେଇଛନ୍ତି।

### ବିଜିଡି କଲେଜରେ ଆତ୍ମରକ୍ଷା ତାଲିମ ଶିବିର

କୁଚିଣ୍ଡା, ୧୭।୩ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ (ବିଜିଡି) କଲେଜରେ ମଙ୍ଗଳବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷା ମନୋରମା ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପିକା ଯଶୋଦା ମାଝି, ନମିତା ନାଏକ, ସୁରମା ସାହୁ, ଅଧ୍ୟାପକ ହରେଶ କୁମାର ସାହୁ, ବିନୋଦ ବିହାରୀ ପୃଷ୍ଟେଠ, କ୍ରୀଡା ଅଧ୍ୟାପକ ମନୋଜ କୁମାର ପଟେଲ, ପ୍ରଶିକ୍ଷିକା ରୀତା କିଷାନ ଓ ପୁଷ୍ପଲତା ବାଘ ଯୋଗଦେଇଥିଲେ। ଅଧ୍ୟକ୍ଷା ପଟେଲ ଶିବିରକୁ ଉଦ୍‌ଘାଟନ କରି ନିଜକୁ ରକ୍ଷା କରିବା ସହ ସମାଜରେ ଘଟୁଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ସାହସର ସହ ଆଗେଇ ଯିବାକୁ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ୨୪୦ ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଶିବିର ଏପ୍ରିଲ ୭ରେ ଉଦ୍‌ଯାପିତ ହେବ।

# ରବିଋତୁ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧିକର

**ଜିଲାପାଳଙ୍କୁ ଭେଟିଲା ଚାଷୀ ସଙ୍ଗଠନ**

ସମ୍ବଲପୁର, ୧୭।୩ (ପ୍ରମୋଦ ବହିଦାର)


ଜିଲାପାଳଙ୍କ କାର୍ଯ୍ୟାଳୟରେ କୃଷକ ସଙ୍ଗଠନ କର୍ମକର୍ତ୍ତା ।

ସମ୍ବଲପୁର ଜିଲାରେ ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଜିଲା କୃଷକ ସୁରକ୍ଷା ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅପରାହ୍ନରେ ଭେଟିବା ଅବସରରେ ଚାଷୀ ସଙ୍ଗଠନ ପକ୍ଷରୁ ବର୍ତ୍ତମାନ ରବି ଋତୁରେ ପଞ୍ଜୀକରଣ ବେଳେ ଚାଷୀଙ୍କ ବଂଶାବଳୀ ମଗାଯିବା ପ୍ରକ୍ରିୟାକୁ ତୀବ୍ର ବିରୋଧ କରିଥିଲେ। ଟୋକନ୍ ନ ମିଳିବା, ଧାନ ବିକ୍ରିରେ ସମସ୍ୟା, ପରିବହନ ଖର୍ଚ୍ଚ ନ ମିଳିବା, ସାରର ଅଭାବ ଆଦି ନେଇ ଜିଲାପାଳଙ୍କ ସେମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ରବିଋତୁରେ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଦାବି କରିଥିଲେ। ସାଧାରଣ ସମ୍ପାଦକ ପ୍ରଧାନ କହିଥିଲେ, ଖରିଫ ଧାନବିକ୍ରି ସମୟରେ ଟୋକନ ସମସ୍ୟା ଯୋଗୁ ଅନେକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଖରିଫ ଧାନ ବିକ୍ରିର ପରିବହନ ଖର୍ଚ୍ଚ ଏପର୍ଯ୍ୟନ୍ତ ମିଳିନାହିଁ। ଏହି ପରିସ୍ଥିତିରେ ରବିଋତୁ ପଞ୍ଜୀକରଣ ପ୍ରକ୍ରିୟାରେ ବଂଶାବଳୀ ମଗାଯିବା ଚାଷୀଙ୍କୁ ଅଧିକ ଅସୁବିଧାରେ ପକାଉଛି। ପଞ୍ଜୀକରଣ ମାର୍ଚ୍ଚ ୧୫ରୁ ୨୪ତାରିଖ ମାତ୍ର ୧୦ଦିନର ଅବଧି ରଖାଯାଇଛି। ଏହି ସମୟରେ ଚାଷୀ ପଞ୍ଜୀକରଣ କରିବା କାଠିକର ହେଉଛି। ଚାଷୀଙ୍କ ସୁବିଧା ଦୃଷ୍ଟିକୁ ରଖି ୧୦ଦିନର ଅବଧିକୁ ବୃଦ୍ଧି କରିବାକୁ ସଙ୍ଗଠନ ଦାବି କରିଛି। ସେହିପରି ଜିଲାରେ ୟୁରିଆ ସାରର ଅଭାବ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ସରକାର ଏବଂ ବିଶେଷ କରି ଜିଲା ପ୍ରଶାସନ ଏହି ସବୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଜିଲାପାଳ ବୋନ୍ଦର ସେମାନଙ୍କ ଦାବି ଅନୁସାରେ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣେଇ ଦେବେ ବୋଲି କହିଛନ୍ତି। ଏଥିସହିତ ସାରର ଅଭାବ ଓ ଅବଶିଷ୍ଟ ଧାନ ବିକ୍ରି ସମସ୍ୟା ଦୂର କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ପ୍ରଧାନ ସୂଚନା ଦେଇଛନ୍ତି। କୃଷକ ସଙ୍ଗଠନର ଉମେଶ ଚନ୍ଦ୍ର ମିଶ୍ର, ଭୈରବ ପ୍ରଧାନ, ବିପିନ ବିହାରୀ ଭୋଇ, ମାନଭଞ୍ଜନ ନାୟକ, ସୁଶାନ୍ତ ପଣ୍ଡା, ନାଟୁ ବିହାରୀ ବିଶ୍ୱାଳ, କମଳକାନ୍ତ ନାୟକ, ସୁବ୍ରତ ପ୍ରଧାନ, ସନତ ବାବୁ, କାଶୀ ବିଶ୍ୱନାଥ, ସୌମ୍ୟଭୂଷଣ ସାହାଣୀ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ।

# ରକ୍ତଦାନ ମାନବତାର ସର୍ବୋତ୍କୃଷ୍ଟ ସେବା


ଶିବିରକୁ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

**ସୁଇଟ ଏପିଜେ ଅବଦୁଲ କଲାମ ଅଡିଟୋରିୟରେ ରକ୍ତଦାନ ଶିବିର**

ସମ୍ବଲପୁର, ୧୭।୩ (ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ(ସୁଇଟ) ଓ ରୋଟାରୀ କ୍ଲବ ମିଳିତ ଆୟୋଜନରେ ରକ୍ତଦାନ ଶିବିର ମଙ୍ଗଳବାର ଏପିଜେ ଅବଦୁଲ କଲାମ ଅଡିଟୋରିୟରେ ଅନୁଷ୍ଠିତ ହୋଇଛି । ରୋଟାରୀ କ୍ଲବ ସଭାପତି ସୁମନ୍ତ କୁମାର ନାୟକଙ୍କ ଦେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ରକ୍ତଦାନ ମାନବତାର ସର୍ବୋତ୍କୃଷ୍ଟ ସେବା ଓ ଏହା ଅନେକ ଜୀବନକୁ ନୂତନ ଆଶା ଦେଇଥାଏ ବୋଲି କହିଥିଲେ। କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଇଟ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ୧୨୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ରୋଟାରୀ କ୍ଲବ ସଦସ୍ୟ ଦେବେନ୍ଦ୍ର କୁମାର ମହାଲିକ, ସଞ୍ଜୟ କୁମାର ପଟ୍ଟନାୟକ, ବ୍ରଜମୋହନ ମିଶ୍ର, ମଳୟ ମହାନନ୍ଦ, ପ୍ରମୋଦ ନାୟକ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସଚେତନଶୀଳ ସମାଜ ଗଢ଼ି ତୋଳିବାକୁ ଆହ୍ୱାନ



ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥି ।

**ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ପ୍ରତିଷ୍ଠା ଦିବସ**

ସମ୍ବଲପୁର, ୧୭।୩ (ବି.ଶଙ୍କର)

ସମ୍ବଲପୁର ଜିଲା ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ନିଜସ୍ୱ ପରିଷଦ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଲକ୍ଷ୍ମୀ ମହାନନ୍ଦଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଝାରସୁଗୁଡ଼ା ଜିଲା ଲକ୍ଷେଘର ଗଣ୍ଡା ସମାଜ ବିକାଶ ପରିଷଦ ସଭାପତି ପ୍ରେମ କୁମାର ସାଗର ମୁଖ୍ୟ ଅତିଥି, ପଡିଆବାହାଲ ଡ. ଆମ୍ବେଡକର ସେବା ସମିତି ସଭାପତି ଜୟକୃଷ୍ଣ ବାଗ ଓ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣୀ ବାଗ ସମ୍ମାନୀତ ଅତିଥି, ପଶ୍ଚିମ ଓଡ଼ିଶା ଡ. ବି.ଆର ଆମ୍ବେଡକର ପରିବାର ଆବାହକ ପ୍ରୀତି ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ସଂପ୍ରତି ସମାଜରେ ସଚେତନତାର ଆବଶ୍ୟକତା ରହିଛି। ଏଥିସହ ଏକତ୍ରିତ ହୋଇ ସମ୍ବିଧାନିକ ଅଧିକାର ଦିଗରେ ସମାଜକୁ ସୁସଙ୍ଗଠିତ କରି ଏକ ସଚେତନଶୀଳ ସମାଜ ଗଢି ତୋଳିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ପରିଷଦ ପକ୍ଷରୁ ସମାଜିକକର୍ମୀ ସୁଧିର ରଞ୍ଜନ ବହିଦାର, ରକ୍ତ ଭଣ୍ଡାର ଅଧିକାରୀ ଦେବାଶିଷ ମିଶ୍ର ଏବଂ ଭାରତୀୟ ଜନତା ପାର୍ଟିର ବୁର୍ଲା ନଗର ସଭାପତି ଆକାଶ ସ୍ୱରୂପ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହାସହ ସମାଜର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଜନ୍ମେଜୟ ବେହେରା, ପଦ୍ମନାଭ ବଣ୍ଡୁକୀ, ବଳିଷ୍ଠ ସୋହେଲା, ଚନ୍ଦ୍ରମଣି ବାଗ, ନକୁଳ ଚନ୍ଦ୍ର ହରିପାଲ, ମହାବୀର ଦୀପଙ୍କୁ ସମ୍ମାନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ନୀଳାଚଳ ସୁନା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇନ ପରାମର୍ଶଦାତା ଜୟ ଲୁହା ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ମହାବୀର ଦୀପ, ବଣିଜ ହରିପାଲ, ବଳିଷ୍ଟ ସୋହେଲା, ସୁନାରାମ ନନ୍ଦ, କୃଷ୍ଣଚନ୍ଦ୍ର ବାଗ, ନକୁଳ ହରିପାଲ, ସୁଧାଂଶୁ ନାଏକ, ତ୍ରିନାଥ ମହାନନ୍ଦ, ଗଜେନ୍ଦ୍ର ସୁନା, ରବି ଗୁରୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ବଲପୁରରେ ଯାଞ୍ଚ ହେବ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର

- ଭିମସାର ଯାଞ୍ଚ ପାଇଁ ମହାନଗର କମିଶନରଙ୍କୁ ଦାୟିତ୍ୱ
- ନର୍ସିଂହୋମର ସୁରକ୍ଷା ବ୍ୟବସ୍ଥା ଅଗ୍ନିଶମ ବିଭାଗ ଯାଞ୍ଚ କରିବ

ସମ୍ବଲପୁର, ୧୭।୩ (ଭବାନୀ ଶଙ୍କର ଭୋଇ)

କଟକ ଏସସିବି ମେଡିକାଲରେ ଭୟାବହ ଅଗ୍ନିକାଣ୍ଡରେ ୧୨ଜଣଙ୍କ ମୃତ୍ୟୁ ଘଟଣା ପରେ ସମ୍ବଲପୁର ପ୍ରଶାସନ ସଜାଗ ହୋଇଛି। ମଙ୍ଗଳବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଚ୍ଚସ୍ତରୀୟ ବୈଠକ କରି ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ କିଭଳି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହେବ ସେଥିପ୍ରତି ତଦାରଖ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଭିମସାରରେ ସର୍ବାଧିକ ରୋଗୀ ଚିକିତ୍ସିତ ହେଉଥିବାରୁ ଏହାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ କୋଠାଗୁଡିକର ସୁରକ୍ଷା ଯାଞ୍ଚ ପାଇଁ ସମ୍ବଲପୁର ମହାନଗର କମିଶନର ରେହାନ ଖତ୍ରୀଙ୍କ ନେତୃତ୍ୱରେ ୮ ଜଣିଆ କମିଟି ଗଠନ କରାଯାଇଛି। ଭିମସାର କୋଠାଗୁଡିକରେ ଅଗ୍ନି ନିରାପତ୍ତାଠାରୁ ଆରମ୍ଭ କରି ରୋଗୀ ମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ବିଭିନ୍ନ ବିଭାଗର ଅଧିକାରୀ ମାନେ ମିଳିତ ଭାବେ ଯାଞ୍ଚ କରିବେ। ସେହିପରି ସମ୍ବଲପୁର ମୁଖ୍ୟ ଡାକ୍ତରଖାନାର କୋଠା ଗୁଡିକରେ ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ ପାଇଁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସମ୍ବଲପୁରର ସମସ୍ତ ନର୍ସିଂହୋମ ଏବଂ ଘରୋଇ ଡାକ୍ତରଖାନାଗୁଡିକରେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ତଦାରଖ କରାଯିବ। ଏଥିପାଇଁ ଅଗ୍ନିଶମ ବିଭାଗକୁ ଜିଲାପାଳ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ରୋଗୀ ମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଜିଲାପାଳ ବୋନ୍ଦର କହିଛନ୍ତି।

# ଭାଷା, ସଂସ୍କୃତି ପାଇଁ ରଙ୍ଗବତୀ ଗୀତର ଅବଦାନ ଅତୁଳନୀୟ


ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ସହ ଅନ୍ୟମାନେ।

**ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନ ପାଳିତ**

କୁଚିଣ୍ଡା, ୧୭।୩ (ବିରଞ୍ଚି ଦର୍ଶା)

ରଙ୍ଗବତୀ କନକଲତା, ହସି ପଦେ କହଲୋ କଥା ଗୀତର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ୮୪ତମ ଜନ୍ମ ଜୟନ୍ତୀ ରଙ୍ଗବତୀ ଦିନ ଭାବେ ମଙ୍ଗଳବାର ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ପଞ୍ଚାୟତର ରଙ୍ଗବତୀ ବିଲୁଙ୍ଗ ଗ୍ରାମରେ ପାଳିତ ହୋଇଯାଇଛି। ଏହି ଗୀତ ସମ୍ବଲପୁରୀ କଳା ସାହିତ୍ୟ ଓ ସଂସ୍କୃତିକୁ ଭାରତ ତଥା ଦେଶ ବିଦେଶରେ ପରିଚିତ କରିଥିବାରୁ ରଙ୍ଗବତୀ ଗୀତର ସ୍ମୃତି ପାଇଁ ପଦ୍ମଶ୍ରୀ ଗୌନ୍ତିଆଙ୍କ ଜନ୍ମଦିନକୁ ପ୍ରତିବର୍ଷ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ଗୀତର ସୃଷ୍ଟି ଓ ସ୍ରଷ୍ଟାଙ୍କ ୮୪ତମ ଜୟନ୍ତୀ ଅବସରରେ ଗୌନ୍ତିଆଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ପୁରୁଷୋତ୍ତମ ପଙ୍କା ମୁଖ୍ୟଅତିଥି, ଜରାବଗା ସେବାଶ୍ରମ ପ୍ରଧାନଶିକ୍ଷକ ପଙ୍କଜ ବେହେରା ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ସେନାପତି, ରଙ୍ଗବତୀ କ୍ରୀଡା ସଂସ୍କୃତି ଏକାଡେମୀ ସଦସ୍ୟ ଅନନ୍ତ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ରଙ୍ଗବତୀ ଗୀତର ସ୍ରଷ୍ଟାଙ୍କ ପାଇଁ ଆଜି ବିଲୁଙ୍ଗରୁ ରଙ୍ଗବତୀ ବିଲୁଙ୍ଗ ଗ୍ରାମ ହୋଇ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଏହାଛଡା ସମ୍ବଲପୁରୀ ଭାଷା ଓ ସଂସ୍କୃତି ପାଇଁ ରଙ୍ଗବତୀ ଗୀତର ଯଥେଷ୍ଟ ଅବଦାନ ଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗବତୀ କ୍ରୀଡା ସଂସ୍କୃତି ଏକାଡେମୀ ସଦସ୍ୟ ସୁରଜ କୁମାର ପଟେଲ, ବ୍ରଜମୋହନ ନାଏକ, ରାଜକୁମାର ମାଝି, କବିଳ କମାର, ହିମାଦ୍ରୀ ନାଏକ, ଆଶିଷ କୁମାର ପଟେଲ, ସୁବ୍ରତ କୁସୁମ, ତରଣୀ ଭଇଁଷା ଯୋଗଦେଇ ରଙ୍ଗବତୀ ଗୀତର ଅବଦାନ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ବ୍ରଜମୋହନ ନାଏକ ସଭା ପରିଚାଳନା କରିଥିବା ବେଳେ ସଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ସଚେତନ ନାଗରିକ କମିଟି ବୈଠକ

ସମ୍ବଲପୁର, ୧୭।୩ (ପ୍ରମୋଦ ବହିଦାର)

ବୁର୍ଲାରେ ସଚେତନ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଡିଏଫସି ଗେଷ୍ଟ ହାଉସ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଦସ୍ୟ ଗିରିଜା ଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟିପିଡବ୍ଲ୍ୟୁଓଡିଏଲ ଅଧିନରେ ରହିଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟା ଓ ଜଟିଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବିଶେଷ କରି ପୂର୍ବତନ ୱେସ୍କୋ ସମୟର ବକେୟା ବିଲ୍ ସମ୍ପୂର୍ଣ୍ଣ ଛାଡ଼ କରିବା ଏବଂ ଟିପିଡବ୍ଲ୍ୟୁଓଡିଏଲ ଉପଭୋକ୍ତାଙ୍କ କ୍ଷେତ୍ରରେ ଥିବା ବକେୟା ରାଶି ପାଇଁ ସଂଯୋଗ ବିଚ୍ଛିନ୍ନ ନ କରି କିସ୍ତି ଆକାରରେ ପୈଠ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରଦୀପ କୁମାର ମିଶ୍ର, ରମେଶ ଗିରି, ଶାନ୍ତିଲତା ସ୍ୱାଇଁ, ସୁନିତା ଖେତ୍ରୀ, ଶିବ ଦଳାଇ, ମନରଞ୍ଜନ ପଟ୍ଟନାୟକ, ଓକିଲ ଖମାରୀ, ଶରତ ପଟ୍ଟନାୟକ, ଚୈତନ୍ୟ ଭୋଇ, ଗୌତମ ବେହେରା, ଦିପ୍ତୀ ମଲ୍ଲିକ ଓ ରାକେଶ ବଡେରାଙ୍କ ସମେତ ସଙ୍ଗଠନର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତା।

କୁଚିଣ୍ଡା, ୧୭।୩ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଚକଦରହଠାରେ ମଙ୍ଗଳବାର କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଏନଏସି ସଭାପତି ଅଖିଳ ପ୍ରତାପ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ସଭାପତି ଅମିତ ଗୁରୁ, ଜିଲା ମହିଳା ଶାଖା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଜିଲା ସଂଯୋଜକ ଜିତେନ୍ଦ୍ର ବେହେରା ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ ସଙ୍ଗଠିତ କରି ଆଗାମୀ ଏନଏସି ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ କୁଚିଣ୍ଡା ବ୍ଲକ ସଭାପତି ଦିଲୀପ ପଟେଲ, ବାମରା ବ୍ଲକ ସଭାପତି ହାବିଲ ଏକ୍କା, ଜମନକିରା ବ୍ଲକ ସଭାପତି ମନୋଜ କୁମାର ନାଏକ, ଏନଏସି ସାଧାରଣ ସମ୍ପାଦକ ସଞ୍ଜୟ ମହାନନ୍ଦ ଓ କିଶୋର ନାଏକ, ପିସିସି ସଭ୍ୟ ସଞ୍ଜିତା ଶର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଦାରନାଥ ବରିହା, ପୂର୍ବତନ ଏନଏସି ଉପାଧ୍ୟକ୍ଷା ଆରତୀ ନାୟକ, ଡ଼ା.ଶରତ ଚନ୍ଦ୍ର ଗୌନ୍ତିଆ ଯୋଗଦେଇଥିଲେ। ଏହି ଅବସରରେ କେତେକ ଯୁବକ କଂଗ୍ରେସ ଦଳରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର କଂଗ୍ରେସ ନେତା ଆଶିଷ ପ୍ରତାପ ସିଂ, ବିଭୂତି ପଣ୍ଡା, ସୁବ୍ରତ ପଣ୍ଡା, ଜତିନ୍ଦ୍ର ସାହୁ ସହଯୋଗ କରିଥିଲେ। ଇରାତ ନାଏକ ସଭା ପରିଚାଳନା କରିଥିଲେ।

# ଆର୍‌ଡିସି ଅଫିସ୍ ସମ୍ମୁଖରେ ଭୀମ୍‌ଆର୍ମିର ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବିପତ୍ର ପ୍ରଦାନ**

ସମ୍ବଲପୁର, ୧୭।୩ (ପ୍ରମୋଦ ବହିଦାର)



ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୀମ୍ ଆର୍ମି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପଶ୍ଚିମ ଓଡ଼ିଶାର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଭୀମ ଆର୍ମି ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର ଆର୍‌ଡିସି ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲଶ। ଭୀମଆର୍ମୀ ରାଜ୍ୟ ସଭାପତି ଲୋକେଶ ରାବଣଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ଦାବିପତ୍ର ଗ୍ରହଣ କରିଥିଲେ।

ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାର ୧୫ଟି ଜିଲାରୁ ଭୀମ ଆର୍ମିର ହଜାରହଜାର କର୍ମୀ ଏକ ଶୋଭାଯାତ୍ରାରେ ଆସି ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଭୀମ ଆର୍ମି ରାଜ୍ୟ ସଭାପତି ରାବଣ କହିଥିଲେ, ପଶ୍ଚିମ ଓଡ଼ିଶାର ସମସ୍ତ ଭୂମିହୀନଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଆମର ପ୍ରମୁଖ ଦାବି। ଏଥିସହିତ ଘରୋଇ କମ୍ପାନୀରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଦକ୍ଷତାଭିତ୍ତିରେ ନିଯୁକ୍ତି, ରନ୍ଧନ ଏଲ୍‌ପିଜି ଗ୍ୟାସ ସଙ୍କଟ ଦୂର, ଗ୍ୟାସ ସିଲିଣ୍ଡର ଓ ନିତ୍ୟ ବ୍ୟବହୃତ ସାମଗ୍ରୀର ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ, ଗଙ୍ଗାଧର ମେହେର ଜୁନିୟର କଲେଜକୁ ସ୍ଥାୟୀ ଜମି ପ୍ରଦାନ, କେନ୍ଦ୍ର ସରକାରଙ୍କ ୟୁଜିସି ବିଲ୍ ପ୍ରତ୍ୟାହାର, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ଚାଷୀଙ୍କ ଧାନ ବିକ୍ରିଠାରୁ ଆରମ୍ଭ କରି ସାର ଯୋଗାଣ ସମସ୍ୟା ହଟାଇବା, ସହରରେ ବଢି ଚାଲିଥିବା ଅବାଧ ନିଶା କାରବାର ଉପରେ ରୋକ, ଶିଳ୍ପାନୁଷ୍ଠାନର ପାଉଁଶର ସଠିକ ପରିଚାଳନା, ଏସ୍‌ଏମ୍‌ସି ଛଟେଇ ମହିଳା ସଫେଇ କର୍ମଚାରୀଙ୍କ ଥଇଥାନ ଏବଂ ବିଶେଷ କରି ପଶ୍ଚିମ ଓଡ଼ିଶାରେ ବଢ଼ି ଚାଲିଥିବା ଜାତିଗତ ଶୋଷଣ ଓ ଅତ୍ୟାଚାରକୁ ରୋକିବା ଆଦି ଦାବିରେ ସେମାନେ ଏକତ୍ରିତ ହୋଇଛନ୍ତି ବୋଲି କହିଥିଲେ ରାବଣ। ତେବେ ଆସନ୍ତା ୮ ଦିନ ମଧ୍ୟରେ ସରକାର ଏହି ସମସ୍ୟାଗୁଡ଼ିକୁ ହୃଦୟଙ୍ଗମ କରି ଏହାର ସମାଧାନ କରିବାକୁ ସେ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୀମ ଆର୍ମି ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇ ସମଗ୍ର ପଶ୍ଚିମ ଓଡ଼ିଶା ବନ୍ଦ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ରାଜ୍ୟ ଉପସଭାପତି ଅନୀଲ କୁମାର ମୁଣ୍ଡା, ଟିଙ୍କୁ ଜଗତ, ଗୋପୀନାଥ ରୋହିଦାସ, ରୋଶନ ଆଜାଦ, ଉମେଶ ଉଗର, ବିଜୟ ମହାଲି, ପ୍ରଦୀପ ମୁଣ୍ଡା, ରାମସିଂ ଖଡ଼ିଆ, ମୁଙ୍କୁ ମୁଣ୍ଡା, ଯୋଶେଫ ଲାକ୍ରା, ପ୍ରଦୀପ ଓରାମ, ଟୁନା ସାହୁ, ବିଶ୍ୱନାଥ ମହାପାତ୍ର, ଦୀନେଶ ମଲ୍ଲିକ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖଙ୍କ ସହ ବିଭିନ୍ନ ଜିଲାର ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

